## ରୋଗୀଙ୍କ ରକ୍ତ ନମୁନା ସଂଗ୍ରହ କରିବାକୁ ମନା କଲେ ଡାକ୍ତର !

# କାଜୁଆଲ୍‌ଟିରେ ପଡ଼ିରହିଲେ ରୋଗୀ

■ ଚିକିତ୍ସା ଅବହେଳା ସହ ଡାକ୍ତରଙ୍କ ଦୁର୍ବ୍ୟବହାର ନେଇ ଅଧୀକ୍ଷକଙ୍କୁ ଅଭିଯୋଗ

ବ୍ରହ୍ମପୁର, ୧୯ ।୬(ସମିସ): ବ୍ରହ୍ମପୁର ଏମକେସିଜି ମେଡ଼ିକାଲ କଲେଜ ଓ ହସ୍ପିଟାଲରେ ବିଭିନ୍ନ ସମୟରେ ରୋଗୀଙ୍କୁ ଚିକିତ୍ସାରେ ଅବହେଳା ନେଇ ଅସନ୍ତୋଷ ଲାଗି ରହୁଛି। ବର୍ତ୍ତମାନ ରୋଗୀଙ୍କ ଚିକିତ୍ସାରେ ଅବହେଳା କରାଯାଇଥିବା ଲିଖିତ ଅଭିଯୋଗ ହୋଇଛି। ମେଡ଼ିକାଲର କାଜୁଆଲିଟି(ଆଶୁ ଚିକିତ୍ସା ବିଭାଗ)ରେ ହାଉସ୍ ସର୍ଜନମାନେ ରୋଗୀଙ୍କ ରକ୍ତ ନମୁନା ସଂଗ୍ରହ କରୁନଥିବା ବେଳେ ରୋଗୀମାନେ ହନ୍ତସନ୍ତ ହେଉଛନ୍ତି। ଏହି ଘଟଣାକୁ ନେଇ ପ୍ରତିବାଦ କରିବାରୁ ସେଠାରେ କାର୍ଯ୍ୟରତ କିଛି ଡାକ୍ତର ରୋଗୀ ସମ୍ପର୍କୀୟଙ୍କୁ ଦୁର୍ବ୍ୟବହାର କରିଥିବା ରୋଗୀଙ୍କ ସମ୍ପର୍କୀୟ ମେଡ଼ିକାଲ ଅଧୀକ୍ଷକଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଘଟଣାର ତଦନ୍ତ କରି କାର୍ଯ୍ୟରେ ଅବହେଳା କରିଥିବା ହାଉସ ସର୍ଜନ ଓ ଡାକ୍ତରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି। ସେହିପରି ନିଜ ଅଭିଯୋଗର ନକଲ ସ୍ୱାସ୍ଥ୍ୟ ବିଭାଗ ମନ୍ତ୍ରୀ ଓ ସଚିବଙ୍କ ନିକଟକୁ ମଧ୍ୟ ପଠାଇଛନ୍ତି। ଏହା ସହ ଡାକ୍ତରଙ୍କ କାର୍ଯ୍ୟରେ ଅବହେଳା କାରଣରୁ ତାଙ୍କ ଭାଇଙ୍କ ଚିକିତ୍ସାରେ ବିଳମ୍ବ ହୋଇଥିବା ନିଜ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି। ସୂଚନାଯୋଗ୍ୟ ଯେ, ଗଞ୍ଜାମ ଜିଲା କୁକୁଡ଼ାଖଣ୍ଡି ପଞ୍ଚାୟତ ବୋଉଲଝୋଲି ଗ୍ରାମର ବଳରାମ ପାତ୍ରଙ୍କ ଭାଇଙ୍କ ଶରୀରରେ କିଛିଦିନ ହେବ ଜ୍ୱର ଲାଗି ରହିଥିଲା। ଗତ ୧୮ ତାରିଖରେ ବଳରାମ ତାଙ୍କ ସାନ ଭାଇଙ୍କ ଉତ୍ତମ ଚିକିତ୍ସା ନିମନ୍ତେ ବ୍ରହ୍ମପୁର ସ୍ଥିତ ଏମକେସିଜି ମେଡିକାଲର ଆଶୁ ଚିକିତ୍ସା ବିଭାଗରେ ଭର୍ତ୍ତି କରିଥିଲେ। ଆଶୁ ଚିକିତ୍ସା ବିଭାଗରେ କାର୍ଯ୍ୟରତ ଡାକ୍ତରଙ୍କୁ ପରାମର୍ଶ କରିବା ସହ ତାଙ୍କ ଭାଇଙ୍କ ସମସ୍ୟା ସମ୍ପର୍କରେ କହିଥିଲେ। ତାଙ୍କ ଭାଇଙ୍କୁ ଡାକ୍ତର ଚିକିତ୍ସା କରିବା ସହ ରକ୍ତ ପରୀକ୍ଷା କରିବା ନିମନ୍ତେ ପରାମର୍ଶ ଦେଇଥିଲେ। ଆଉ ଆରଡିସି(ଆଞ୍ଚଳିକ ରୋଗ ନିଦାନ କେନ୍ଦ୍ର)କୁ ଯାଇ ରକ୍ତ ପରୀକ୍ଷା କରିବାକୁ କହିଥିଲେ। କିନ୍ତୁ ତାଙ୍କ ଭାଇଙ୍କ ଅତ୍ୟନ୍ତ ଦେହ ଖରାପ କାରଣରୁ ସେ ଛିଡ଼ା ହେବାରେ ସକ୍ଷମ ନଥିଲେ। ତେଣୁ ଆଶୁ ଚିକିତ୍ସା ବିଭାଗରେ ହିଁ ଭାଇଙ୍କ ରକ୍ତ ନମୁନା ସଂଗ୍ରହ କରିବାକୁ ବଳରାମ ଡାକ୍ତରଙ୍କୁ ଅନୁରୋଧ କରିଥିଲେ। ଏହା ପରେ ସେଠାରେ କାର୍ଯ୍ୟରତ ଜଣେ ଡାକ୍ତର ବଳରାମଙ୍କୁ ଉଚ୍ଚସ୍ୱରରେ କହିବା ସହ ଏତେ ଦିନ ହେବ ତୁମେ କେଉଠି ଥିଲ ଏବେ ମେଡିକାଲ କହିଁକି ଆସି ବ୍ୟବସ୍ଥ ହେଉଛ ବୋଲି ପ୍ରଶ୍ନ କରିଥିଲେ। ତୁମ ଭାଇଙ୍କ ରକ୍ତ ନମୁନା ସଂଗ୍ରହ ଆମେ କରିବୁ ନାହିଁ ବୋଲି ଡାକ୍ତର ଜଣଙ୍କ ବଳରାମଙ୍କୁ ରୋକଠୋକ ଶୁଣାଇଥିଲେ। ରକ୍ତ ପରୀକ୍ଷା ପାଇଁ ବଳରାମ ଅନୁରୋଧ କରିବାରୁ ସେ ରକ୍ତ ପରୀକ୍ଷା କରିବା କିଛି ଆବଶ୍ୟକ ନାହିଁ ବୋଲି କହିବା ସହ କେବଳ ଅଲଟ୍ରାସାଉଣ୍ଡ ଓ ଏକ୍ସରେ କରି ଆଣିବାକୁ ପରାମର୍ଶ ଦେଇଥିଲେ। ହେଲେ ବିନା ରକ୍ତ ପରୀକ୍ଷାରେ ରୋଗ ଚିହ୍ନଟ କରିବା କଷ୍ଟକର ହୋଇଥିବାରୁ ସେ ଡାକ୍ତରାଙ୍କୁ ରକ୍ତ ସଂଗ୍ରହ କରିବାକୁ ପୁଣି ଅନୁରୋଧ କରିଥିଲେ। ଏହାପରେ ହାଉସ ସର୍ଜନ ଜଣଙ୍କ ଅଧିକ ରାଗି ଯାଇ ବିଭିନ୍ନ କଥା କହିବା ସହ ଦୁର୍ବ୍ୟବହାର କରିଥିଲେ। ପରେ ବଳରାମ କାଜୁଆଲଟି ମେଡିକାଲ ଅଫିସରଙ୍କୁ ଘଟଣା ସମ୍ପର୍କରେ ଜଣାବାରୁ ସେ ଅନ୍ୟ ଏକ କର୍ମଚାରୀଙ୍କ ଦ୍ୱାରା ତାଙ୍କ ଭାଇଙ୍କ ରକ୍ତ ନମୁନା ସଂଗ୍ରହ କରିଥିଲେ। ଏହା ଭିତରେ ୨ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ବିଳମ୍ବ ହୋଇଥିଲା। ଫଳରେ ତାଙ୍କ ଭାଇଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ଖରାପ ହୋଇଥିଲା। କାଜୁଆଲଟିରେ ଘଟିଥିବା ଏହି ଘଟଣାକୁ ନେଇ ବଳରାମ ଆଜି ଏମକେସିଜିର ଅଧୀକ୍ଷକଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ, ଏମକେସିଜି ମେଡ଼ିକାଲରେ କାଜୁଆଲିଟିରେ ରୋଗୀଙ୍କ ରକ୍ତ ନମୁନା ସଂଗ୍ରହ କରିବା ତଥା ରକ୍ତ ସର୍କରା ପରୀକ୍ଷା କରିବାକୁ ନେଇ ପୂର୍ବରୁ ହାଉସ ସର୍ଜନ ଡାକ୍ତର ଓ ନର୍ସିଂ ଅଫିସରଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। କାଜୁଆଲିଟିକୁ ଗୁରୁତର ରୋଗୀ ଆସୁଥିବାରୁ ରୋଗୀଙ୍କ ଶରୀରରୁ କିଏ ରକ୍ତ ନମୁନା ସଂଗ୍ରହ କରିବ ତାହା ସ୍ପଷ୍ଟ ହୋଇପାରୁନି। ଅନେକ ସମୟରେ ହାଉସ ସର୍ଜନ ଡାକ୍ତରମାନେ ରୋଗୀଙ୍କୁ ଆରଡିସିକୁ ପଠାଇ ଦେଉଛନ୍ତି। ଫଳରେ ଗୁରୁତର ରୋଗୀଙ୍କ ଚିକିତ୍ସାରେ ବିଳମ୍ବ ଘଟୁଛି। ଏ ଦିଗରେ ଏମକେସିଜି କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରେ ଦାବି ହେଉଛି।




## ଜିଲ୍ଲାସ୍ତରୀୟ ରକ୍ତ ଶିକୁଳି ଦିବସ ପାଳିତ

# ରକ୍ତ ଶିକୁଳି ରକ୍ତହୀନତା ନିରାକରଣ ସଚେତନତା ଅଭିଯାନ ଆରମ୍ଭ



ବ୍ରହ୍ମପୁର, ୧୯ ।୬(ସମିସ): ସ୍ଥାନୀୟ ଟାଉନ ହଲଠାରେ ଗଞ୍ଜାମ ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନ ପକ୍ଷରୁ ଜିଲ୍ଲାସ୍ତରୀୟ ରକ୍ତ ଶିକୁଳି ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ମେୟର ସଂଘମିତ୍ରା ଦଳେଇ ଯୋଗ ଦେଇଥିଲେ। ସେହିପରି ସମ୍ମାନୀତ ଅତିଥି ଭାବେ ବ୍ରହ୍ମପୁର ସାଂସଦ ପ୍ରତିନିଧି ଡା. ସୁବାଷଚନ୍ଦ୍ର ସାହୁ, ବିଧାୟକ ପ୍ରତିନିଧି ବିକ୍ରମ କେଶରୀ ପଣ୍ଡା କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବେଳେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଉମାଶଙ୍କର ମିଶ୍ର, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ(ଭିବିଡି) ଡା. ସନ୍ତୋଷ ପାଢ଼ୀ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ(କୁଷ୍ଠ) ଡା. ଅନୀଲ ରଥ, ଜିଲ୍ଲା ମେଡିକାଲ ଅଧିକାରୀ ଡା. ବିଶ୍ୱମ୍ବର ବେହେରା, ଡିଏମଆରସିଏଚ ଶକ୍ତି କୁମାର ଦିଗାଲ ପ୍ରମୁଖ ଅତିଥିଭାବେ ମଞ୍ଚାସୀନ ଥିଲେ। ଏ ଅବସରରେ ଟାଉନ ହଲ୍‌ଠାରେ ଶୂନରୁ ୨୫ବର୍ଷ ବୟସର ୧୮ ୬ଜଣଙ୍କ ଶୁଷ୍କ ରକ୍ତ କଣିକା ପଦ୍ଧତିରେ ଯାଞ୍ଚ କରାଯାଇଥିଲା ବୋଲି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ଜୁନ ୧୯ ତାରିଖକୁ ବିଶ୍ୱ ରକ୍ତ ଶିକୁଳି ଦିବସ ଭାବେ ପାଳନ କରାଯାଉଥିବା ବେଳେ କେନ୍ଦ୍ର ସରକାରଙ୍କ ପକ୍ଷରୁ ୨୦୪୭ ସୁଧା ଭାରତକୁ ରକ୍ତ ଶିକୁଳି ରକ୍ତହୀନତା ମୁକ୍ତ କରିବାକୁ ଘୋଷଣା କରାଯାଇଛି। ରକ୍ତହୀନତା ନିରାକରଣ ସମ୍ପର୍କରେ ସଚେତନତା ଅଭିଯାନ ଆରମ୍ଭ କରାଯାଇଥିବା ବେଳେ ଶିକୁଳି ଏକ ବଂଶଗତ ରୋଗ ବୋଲି ଏଠାରେ କୁହାଯାଇଥିଲା। ଏନେଇ ସଚେତନତା ସୃଷ୍ଟି ସହ ପ୍ରଭାବିତ ଅଞ୍ଚଳରେ ଶୂନରୁ ୪୦ବର୍ଷ ବୟସର ଲୋକଙ୍କ ଯାଞ୍ଚ କରିବାକୁ ଲକ୍ଷ୍ୟ ରଖାଯାଇଛି। ଜୁନ ୧୯ ତାରିଖ ଠାରୁ ଜୁଲାଇ ୩ ତାରିଖ ଯାଏଁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଛି। ବର୍ତ୍ତମାନ ସୁଧା ଗଞ୍ଜାମ ଜିଲ୍ଲାରେ ୨୩ଟି ଶିବିର ଆୟୋଜନ କରାଯାଇ ୩ହଜାର ଜଣଙ୍କୁ ଯାଞ୍ଚ କରାଯାଇସାରିଛି। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ ଜିଲ୍ଲାସ୍ତରୀୟ ପରାମର୍ଶଦାତା, ଏଏନଏମ, ଆଶାକର୍ମୀ, ନର୍ସିଂ ଅଧିକାରୀ, ନର୍ସିଂ କଲେଜ ଓ ଏଏନଏମଟିସିର ପ୍ରଶିକ୍ଷିକା ପ୍ରମୁଖ ଉପସ୍ଥିତ ଥିଲେ।

## ତାଲାବନ୍ଦ ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ

ବ୍ରହ୍ମପୁର, ୧୯ ।୬(ସମିସ): ଗୋଷାଣୀନୂଆଗାଁ ଥାନା ଅନ୍ତର୍ଗତ କୌତୁକୀ ନଗର ସ୍ଥିତ ସମତା ବିହାର ଅଞ୍ଚଳର ଏକ ଘରେ ଦୁର୍ବୃତ୍ତମାନେ କଳାକାନା ବୁଲାଇ ସୁନାଗହଣା ଓ ଗୋଟିଏ ସ୍କୁଟି ଚୋରି କରି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଏହାସହ ସ୍ଥାନୀୟ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜକୁ ପୁଲିସ ଯାଞ୍ଚ କରୁଛି। ସୂଚନାଯୋଗ୍ୟ ଯେ, ପୋଲସରା ନିବାସୀ ଅଶୋକ କୁମାର ଡାକୁଆ ଗତକିଛି ମାସ ହେବ ବ୍ରହ୍ମପୁର ଗୋଷାଣୀନୂଆଗାଁ ଶାସ୍ତ୍ରୀ ନଗରରେ ଏକ ଭଡା ଘରେ ରୁହନ୍ତି। ଗତ ୧୭ତାରିଖ ଗୋଷାଣୀନୂଆଗାଁ କୌତୁକୀ ନଗର ନିକଟ ସମତା ବିହାରର ଘର ନଂ. ୩୭ରେ ରହୁଥିବା ଆଶୋକଙ୍କ ମାମୁଁ ଲକ୍ଷ୍ମୀ ନାରାୟଣ ବେହେରାଙ୍କ ଘରୁ ଚୋରି ହୋଇଥିବା ଖବର ପାଇଥିଲେ। ସେ କିଛି ମାସ ପୂର୍ବେ ବାଙ୍ଗାଲୁରୁ ଚାଲି ଯାଇଥିବା ବେଳେ ଘରେ ତାଲା ପଡ଼ିଥିଲା। ଘରେ ଚୋରି ହୋଇଥିବା ପୋଡ଼ଶୀଙ୍କଠାରୁ ଖବରପାଇ ଅଶୋକ ପୁଲିସକୁ ଜଣାଇଥିଲେ। ଘରେ କେହି ନଥିବାର ସୁଯୋଗ ନେଇ କେହି ଦୁର୍ବୃତ୍ତ ତାଙ୍କ ଆଲମୀରାରେ ଥିବା ସୁନା ଗହଣା, ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିବା ଜଣାପଡ଼ିଛି। ତେବେ କେତେ ପରିମାଣର ସୁନା ଗହଣା ଓ ଟଙ୍କା ଚୋରି ହୋଇଛି ତାହା ଘର ଲୋକେ ଫେରିବା ପରେ ହିଁ ଜଣାପଡ଼ିବ ବୋଲି ପୁଲିସ କହିଛି।

# ପୁଲିସକୁ ଖୋଲା ଚ୍ୟାଲେଞ୍ଜ୍ ଦେଉଛନ୍ତି ଲୁଟେରା

## ଥାନା ଗୁଡିକରେ ବାଇକ ଚୋରି ଓ ମୋବାଇଲ ଲୁଟ୍ ମାମଲା ବୃଦ୍ଧି

ବ୍ରହ୍ମପୁର, ୧୯ ।୬(ସମିସ): ବ୍ରହ୍ମପୁର ସହର ଭିତରକୁ ପ୍ରବେଶ କରିଛନ୍ତି ବାହାର ରାଜ୍ୟର ଲୁଟେରା ଗ୍ୟାଙ୍ଗ। ଏହି ଲୁଟେରା ଗ୍ୟାଙ୍ଗରେ ୩ଜଣ ଥିବା ସନ୍ଦେହ ହେଉଛି। ଲୁଟେରାମାନେ ସ୍କୁଟିରେ ବୁଲି ପ୍ରଥମେ ଜାଗା ଚିହ୍ନଟ କରୁଛନ୍ତି। ପରେ ଗାଡ଼ି ଚୋରି କରି ଘଟଣା ସ୍ଥଳରୁ ଚମ୍ପଟ ମାରୁଛନ୍ତି। ସେହିପରି ଏକା ଯାଉଥିବା ଲୋକଙ୍କୁ ଅଟକାଇ ମୋବାଇଲ ଓ ଟଙ୍କା ଲୁଟ୍ ମଧ୍ୟ କରି ନେଇଥିବା ଘଟଣା ନଜିର ରହିଛି। ଏମିତି କିଛି ଘଟଣା ଏବେ ସହରରେ ଘଟୁଥିବା ଦେଖିବାକୁ ମିଳିଛି। ମଙ୍ଗଳବାର ଅପରାହ୍ନରେ ଲୁଟେରା ଗ୍ୟାଙ୍ଗ ବ୍ରହ୍ମପୁର ମେଡ଼ିକାଲରୁ ଗୋଟିଏ ସ୍କୁଟି ଚୋରି କରିବାରେ ସଫଳ ହୋଇଥିବା ବେଳେ ସନ୍ଧ୍ୟା ୬ଟା ୫୫ମିନିଟ ସମୟରେ ବ୍ରହ୍ମପୁର ଷ୍ଟେସନ ରୋଡ଼ ସ୍ଥିତ ସର୍କିଟ ହାଉସ ସମ୍ମୁଖରେ ଥିବା ଜୟ ଜଗନ୍ନାଥ ଗେଷ୍ଟ ହାଉସ ସମ୍ମୁଖରୁ ଗୋଟିଏ ବାଇକ ଚୋରି କରି ନେଇଛନ୍ତି। ଚୋରି ବେଳର ଦୃଶ୍ୟ ସିସିଟିଭି ଫୁଟେଜରେ କଏଦ ହୋଇଛି। ପ୍ରଥମେ ଗୋଟିଏ ସ୍କୁଟିରେ ଜଣେ ଦୁର୍ବୃତ୍ତ ଆସି ଉକ୍ତ ଗେଷ୍ଟ ହାଉସ ନିକଟରେ ଥିବା ଗାଡ଼ିକୁ ଦେଖିଥିଲା। ଏହାର କିଛି ସମୟ ପରେ ଆଉ ଏକ ଦୁର୍ବୃତ୍ତ ଆସି ଗେଷ୍ଟ ହାଉସ ବାହାରେ ଥିବା ଗାଡ଼ିକୁ ବିଭିନ୍ନ ଚାବିରେ ଖୋଲିବାକୁ ଚେଷ୍ଟା କରିଲା। ଏହି ସମୟରେ ଗେଷ୍ଟ ହାଉସରୁ କିଛି ଲୋକ ବାହାରକୁ ଆସୁଥିବା ଦେଖି ଦୁର୍ବୃତ୍ତ ଜଣକ ଗାଡ଼ି ପାଖରେ କିଛି ନଜାଣିଲା ଭଳି ଛିଡା ହୋଇଗଲା। ପରେ ଅନ୍ୟ ଏକ ଗାଡ଼ିରେ ଚାବି ବୁଲାଇବାରୁ ତାର ଲକ ଖୋଲିଯାଇଥିଲା। ଗାଡ଼ିର ଲକ୍ ଖୋଲିବା ପରେ ଦୁର୍ବୃତ୍ତ ଜଣକ ଗାଡ଼ି ନେଇ ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲା। ପୁରା ଘଟଣାର ଦୃଶ୍ୟ ଭିଡ଼ିଓ ସିସିଟିଭି ଫୁଟେଜରୁ ସ୍ପଷ୍ଟ ହୋଇଥିଲା। ଏହି ସିସିଟିଭି ଭିଡ଼ିଓଟି ସୋସିଆଲ ମିଡ଼ିଆରେ ଭାଇରଲ ହୋଇଥିଲା। ସେହିପରି ରାତି ସାଢ଼େ ୧୧ଟା ସମୟରେ କୋମଲ ପ୍ରତୀକ ପ୍ରଧାନ ସିଟି କିଚେନ ରେଷ୍ଟୁରାଣ୍ଟରେ ନିଜ କାମ ସାରି ରୁମକୁ ଫେରୁଥିବା ବେଳେ ଷ୍ଟେସନ ରୋଡ଼ ସ୍ଥିତ ଏସବିଆଇ ବ୍ୟାଙ୍କ ନିକଟରେ ଦୁଇ ଦୁର୍ବୃତ୍ତ ତାଙ୍କୁ ଅଟକାଇ ସେ ଧରିଥିବା ମୋବାଇଲକୁ ଛଡ଼ାଇ ନେଇ ଘଟଣା ସ୍ଥଳରୁ ଚମ୍ପଟ ମାରିଲେ। ଘଟଣାକୁ ନେଇ ଥାନାରେ ଅଭିଯୋଗ ହୋଇଥିବା ଜଣାପଡ଼ିଛି। ସେହିପରି ଆଇନଜୀବୀ, କଲେଜ ଛାତ୍ର ଓ କିଛି ଯୁବକଙ୍କ ଠାରୁ ମୋବାଇଲ ଲୁଟ୍ ହୋଇଥିବା ଅଭିଯୋଗ ରହିଛି। ଅଭିଯୋଗକୁ ଆଧାର କରି ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିବା ସହ କିଛି ଘଟଣାର ଅଭିଯୁକ୍ତକୁ ଚିହ୍ନଟ କରିଥିବା ଜଣାପଡ଼ିଛି। ଏହି ଲୁଟେରା ଗ୍ୟାଙ୍ଗକୁ ଧରିବା ପାଇଁ ପୁଲିସ ଏକ ଟିମ ଗଠନ କରି ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିବା ବେଳେ ଖୁବଶୀଘ୍ର ପୁଲିସ ଲୁଟେରା ଗ୍ୟାଙ୍ଗକୁ ଧରିବାରେ ସଫଳ ହେବ ବୋଲି ଜଣାପଡ଼ିଛି।



## ଅକ୍ସଫୋର୍ଡ ପବ୍ଲିକ୍ ସ୍କୁଲ ପକ୍ଷରୁ ଯୋଗାଭ୍ୟାସ

ବ୍ରହ୍ମପୁର, ୧୯ ।୬(ସମିସ): ସ୍ଥାନୀୟ ଲାଞ୍ଜିପଲ୍ଲୀ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଅକ୍ସଫୋର୍ଡ୍ ପବ୍ଲିକ ସ୍କୁଲରେ ବିଶ୍ୱ ଯୋଗ ଦିବସ ଉପଲକ୍ଷେ ପତାଞ୍ଜଳି ଯୋଗ ସମିତି, ବ୍ରହ୍ମପୁର ସହଯୋଗରେ ଯୋଗର ପୂର୍ବାଭ୍ୟାସ ଅନୁଷ୍ଠିତ ହୋଇଯାଇଛି। ଅଭ୍ୟାସ ଆରମ୍ଭରେ ମଞ୍ଚରେ ଅକ୍ସଫୋର୍ଡ ପବ୍ଲିକ ସ୍କୁଲର ନିର୍ଦ୍ଦେଶକ ଇଂ, ଅଶୋକ କୁମାର ପାଳ ଉପସ୍ଥିତ ରହି ଯୋଗ ଦ୍ୱାରା ହେବା ଲାଭ ଓ ଶରୀର ପ୍ରତି ଏହାର ଆବଶ୍ୟକତା ସମ୍ପର୍କରେ କହିଥିବା ବେଳେ ଡ଼ା. କିରଣ କୁମାର ପାଣିଗ୍ରାହୀ, ସୁନୀତା ନାହାକ, ଶିଶିର କୁମାର ଦାସ ବରୁଣ କୁମାର ପାଣିଗ୍ରାହୀ ଯୋଗ ଓ ପ୍ରାଣାୟାମ ଶିକ୍ଷା ଦେଇଥିଲେ। ଏଥିରେ ସ୍କୁଲର ପ୍ରାୟ ୪୫୦ରୁ ଉର୍ଦ୍ଧ୍ୱ ଶିଶୁ ଭାଇ ଭଉଣୀ ଭାଗ ନେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନ କ୍ରମେ ବିଗତ ନଅ ବର୍ଷ ଧରି ଏହି ଅନୁଷ୍ଠାନରେ ନିରନ୍ତର ଚାଲି ଆସୁଛି। ବ୍ରହ୍ମପୁର ସହରରେ ପତାଞ୍ଜଳୀ ଯୋଗ ସମିତି ପ୍ରତ୍ୟେକ ଅଞ୍ଚଳରେ ଯୋଗାଭ୍ୟାସ କାର୍ଯ୍ୟକ୍ରମ କରି ଆସୁଛି। ଏହି କାର୍ଯ୍ୟକ୍ରମକୁ ରମାକାନ୍ତ ରଥ, ରବି ସାହୁକାର, ରଶ୍ମିରଞ୍ଜନ ସାହୁ, ପ୍ରଶାନ୍ତ ମାଥନ ପରିଚାଳନା କରିଥିଲେ।



# ଆଶାନୁଯାୟୀ ହେଉନି ଦୋଫସଲି ଚାଷ, କମୁଛନ୍ତି କୃଷି ଶ୍ରମିକ!

■ ନୂଆ ସରକାରଙ୍କୁ ଦାବି ଜଣାଇଲା ଋଷିକୁଲ୍ୟା ରୟତ ମହାସଭା
■ ଜଳସେଚନ ମିଶନ ଗଠନ, ଭାଗଚାଷୀଙ୍କୁ ଚାଷୀର ମାନ୍ୟତା ଦାବି

ବ୍ରହ୍ମପୁର, ୧୯ ।୬(ସମିସ): ଗଞ୍ଜାମ ଏକ କୃଷିଭିତ୍ତିକ ଜିଲ୍ଲା। ଏଠାକାର ଜନସାଧାରଣଙ୍କ କୃଷି ହିଁ ମୂଳ ବେଉଷା। ହେଲେ ଗତ କିଛିବର୍ଷ ହେବ କୃଷି ପ୍ରତି ଲୋକଙ୍କ ଆଗ୍ରହ କମିବାରେ ଲାଗିଛି। ଏହାର ଅନେକ କାରଣ ଥିବା କୃଷି ଓ କୃଷକ ସଂଗଠନମାନେ ଦର୍ଶାଉଛନ୍ତି। ପର୍ଯ୍ୟାପ୍ତ ଜଳସେଚନର ସୁବିଧା ନଥିବା ଏହାର ମୂଳକାରଣ ବୋଲି ଅନେକେ କହୁଥିବା ବେଳେ ଆଉ କିଛି ପାଣିପାଗ ପରିବର୍ତ୍ତନ ମଧ୍ୟ ଦାୟୀ ବୋଲି କୁହନ୍ତି। ଏସବୁ ମଧ୍ୟରେ ଚଳିତବର୍ଷର ଖରିଫ ଓ ରବି ଚାଷକୁ ନେଇ ଆଶା ଆଶଙ୍କା ଜାରି ରହିଛି। ଗତବର୍ଷ ଜିଲ୍ଲାରେ ଉଚିତ ପରିମାଣର ବର୍ଷା ହୋଇନଥିବା ବେଳେ ଜିଲ୍ଲାର ସମସ୍ତ ଜଳଭଣ୍ଡାର ଶୁଖିଲା ପଡ଼ିଛି। ସେହିଭଳି ଅନେକ ବଡ଼ ବଡ଼ ଜଳାଶୟ, ପୁଷ୍କରିଣୀର ଅବସ୍ଥା ମଧ୍ୟ ସାଂଘାତିତ ରହିଛି। ଏଭଳି ସ୍ଥଳେ ଚଳିତବର୍ଷ ପର୍ଯ୍ୟାପ୍ତ ମୌସୁମୀ ବର୍ଷା ନହୁଏ ତେବେ ଗଞ୍ଜାମ ଜିଲ୍ଲାରେ ଖରିଫ ଚାଷ ବିଗିଡ଼ିଯିବ ବୋଲି ଚାଷୀମାନେ ମତ ଦେଇଛନ୍ତି। ଅନ୍ୟପକ୍ଷରେ, ଗଞ୍ଜାମରେ ଚାଷକାର୍ଯ୍ୟର ସ୍ଥିତାବସ୍ଥାକୁ ଦୃଷ୍ଟିରେ ରଖି ଅଗ୍ରଣୀ ଚାଷୀ ସଂଗଠନ ଋଷିକୂଲ୍ୟର ରୟତ ମହାସଭା ପକ୍ଷରୁ ନୂଆ ସରକାରଙ୍କଠାରେ ବିଭିନ୍ନ ଦାବି କରାଯାଇଛି। ଏନେଇ ସଭାର ଆବାହକ ସୀମାଞ୍ଚଳ ନାହାକ କହିଛନ୍ତି ଯେ, ଗଞ୍ଜାମରେ ମାତ୍ର ୫୦ଭାଗ ଜମିକୁ ଜଳସେଚନ ସୁବିଧା ଥିବାରୁ ଦୋଫସଲି ଚାଷ ହୋଇ ପାରୁନାହିଁ। ଫଳରେ ଚାଷୀ ଓ କୃଷି ଶ୍ରମିକମାନେ ଚାଷ କାର୍ଯ୍ୟରୁ ଦୂରେଇ ଯାଉଛନ୍ତି। ଏଣୁ ଆସନ୍ତା ୫ବର୍ଷ ମଧ୍ୟରେ ସବୁ ଚାଷ ଜମିକୁ ଜଳସେଚନର ସୁବିଧା କରିବା ନିମନ୍ତେ ଜଳସେଚନ ମିଶନ ଗଠନ କରିବାକୁ ସେ ଦାବି କରିଛନ୍ତି। ସେହିଭଳି ସମସ୍ତ ଉଠାଜଳ ସେଚନ ପ୍ରକଳ୍ପ ଓ ବୋରୱେଲ ଗୁଡ଼ିକ କାର୍ଯ୍ୟକ୍ଷମ କରିବା ସଙ୍ଗେ ସଙ୍ଗେ ପୋତି ହୋଇଥିବା ସମସ୍ତ ଜଳସଚେନ ପ୍ରକଳ୍ପ ଗୁଡ଼ିକୁ ପୁନଃଉଦ୍ଧାର ଲାଗି ମଧ୍ୟ ଦାବି ହୋଇଛି। ସେହିପରି କୃଷିଜାତ ପଦାର୍ଥର ମାର୍କେଟିଂ ସୁବିଧା ନଥିବାରୁ ମଧ୍ୟସ୍ଥି ବେପାରୀମାନଙ୍କୁ କମ ଦରରେ ବିକି ଚାଷୀ ସହୁଛନ୍ତି। ଏଣୁ ଚାଷରେ ଲାଭ ହେଉନଥିବାରୁ ଚାଷ ପ୍ରତି ଚାଷୀ ବିମୁଖ ହୋଇ ଚାଷ ଜମିକୁ ଛାଡ଼ିବାକୁ ବାଧ୍ୟ ହେଉଛନ୍ତି। ଏଣୁ ପ୍ରତି ନୋଜରେ ଗୋଦାମ ଗୃହ, ମିନି ଶୀତଳ ଭଣ୍ଡାର ନିର୍ମାଣ କରି ମାର୍କେଟିଂ ଅଫିସର ନିଯୁକ୍ତି କରିବାକୁ ଦାବି ହୋଇଛି। ଭାଗଚାଷୀମାନେ ପ୍ରକୃତ ଚାଷୀ ହୋଇଥିବାରୁ ସେମାନେ ସେମାନେ ବହୁ କଷ୍ଟରେ ଚାଷ କାର୍ଯ୍ୟ କରିଛନ୍ତି। ମାତ୍ର ପ୍ରାକୃତିକ ବିପର୍ଯ୍ୟୟ ବେଳେ ତାଙ୍କର ଫସଲ ନଷ୍ଟ ହେଲେ ଫସଲ ବୀମା ସହାୟତା ମିଳୁନି। ଏଣୁ ସମସ୍ତ ଭାଗଚାଷୀଙ୍କୁ ଚାଷୀର ମାନ୍ୟତା ପ୍ରଦାନ କରିବାକୁ ଦାବି ହୋଇଛି। କୃଷିକ ବିକାଶ ନିମନ୍ତେ ପଞ୍ଚାୟତସ୍ତରରେ ଯୋଜନା କରି କାର୍ଯ୍ୟକାରୀ କରିବା ସହିତ ପଞ୍ଚାୟତ ଜନ ପ୍ରତିନିଧିଙ୍କୁ ସାମିଲ କରିବା, ଜୈବିକ ଚାଷକୁ ଗୁରୁତ୍ୱ ଦିଆଯାଇ ଚାଷୀଙ୍କୁ ପ୍ରୋତ୍ସାହନ କରିବା, ଧାନ ମଣ୍ଡିରେ କନଟିଛଟନି ବନ୍ଦ କରିବା, ଚାଷ କାର୍ଯ୍ୟରେ ବିଜୁଳି ଛାଡ଼ କରିବା, ସେଟେଲମେଣ୍ଟ କ୍ୟାମ୍ପ କରି ଚାଷୀଙ୍କର ଜମିର ରେକର୍ଡ଼ ସଂଶୋଧନ କରିବା, ଶ୍ରମିକମାନଙ୍କୁ ଦୈନିକ ୫ଶହ ଟଙ୍କା ମଜୁରୀ ଘୋଷଣା କରିବା, ଚାଷୀଙ୍କୁ ମାସିକ ୩ହଜାର ଟଙ୍କା ସାମାଜିକ ସୁରକ୍ଷା ଭତ୍ତା ପ୍ରଦାନ କରିବା, ପତିତ ଜମି ଓ ଜମି ହୁଡ଼ାରେ ବୃକ୍ଷରୋପଣ ବାଧ୍ୟତାମୂଳକ କରିବାକୁ ଦାବି ହୋଇଛି। ଏଗୁଡ଼ିକ ହେଲେ ଗଞ୍ଜାମ ଜିଲ୍ଲାର ଚାଷୀ ଅନେକ ମାତ୍ରାରେ ଉପକୃତ ହେବା ସହ ଦାଦନ ସଂଖ୍ୟା କମିବ ବୋଲି ଶ୍ରୀ ନାହକ କହିଛନ୍ତି। ଅପରପକ୍ଷେ ଧାନ ଭଳି ପନିପରିବା ଚାଷ କ୍ଷେତ୍ରରେ ମଧ୍ୟ ଗଞ୍ଜାମର ଗାରିମା ବେଶ ଅଧିକା ରହିଛି। କିନ୍ତୁ ସମ୍ପ୍ରତି କିଛିବର୍ଷ ହେବ ଜଳସେଚନର ସୁବିଧା ହୋଇ ପାରୁନଥିବାରୁ ଆଶାନୁରୂପ ପରିବା ଚାଷ ମଧ୍ୟ ହୋଇପାରୁନଥିବା ଜଣାଯାଇଛି।

# ଗଞ୍ଜାମର ଲୋକକଳାକୁ ପ୍ରସ୍ଫୁଟିତ କରିବ କ୍ଷୁଦ୍ର ଚଳଚ୍ଚିତ୍ର 'ଅଦମ୍ୟ'

■ ସମାଜକୁ ସବୁବେଳେ ବାଟ ଦେଖାଇଛି ଲୋକକଳା
■ ପ୍ରତ୍ୟେକ ମଣିଷ ଥରେ ଗାଁ ଆଖଡ଼ା ଯିବା ଉଚିତ: ଡିକେ





ବ୍ରହ୍ମପୁର, ୧୯ ।୬(ସମିସ): ଗଞ୍ଜାମ ଲୋକକଳା ଓ ଲୋକନୃତ୍ୟର ମାଟି। ଏହି ମାଟିର ପ୍ରତିଟି ଗାଁରେ ଲୋକକଳାର ବାସ୍ନା ପ୍ରସ୍ଫୁଟିତ ହୋଇଥାଏ। ସମୟକ୍ରମେ ଗାଁ ଲୋକକଳା ଓ ଗ୍ରାମ୍ୟ ଆଖଡ଼ା ଜନ ମାନସରୁ ଧିରେ ଧିରେ ଉଭେଇ ଯାଉଛି। ଅନେକ ପ୍ରତିଷ୍ଠିତ କଳାକାର ମଧ୍ୟ ଗାଁ ଆଖଡ଼ାରୁ ନିଜ ଜୀବନଯାତ୍ରା ଆରମ୍ଭ କରିଥିବା ଜଣାଯାଏ। ଆଉ କିଛି ଗାଁ ଆଖଡ଼ାରେ ମଧ୍ୟ ଗ୍ରାମ୍ୟ ସଂସ୍କୃତି ବଜାୟ ରଖିଛନ୍ତି। ହେଲେ କାଳକ୍ରମେ ଏହି ପୁରୁଣା ପରମ୍ପରା ଧିରେ ଧିରେ ଲୋକଲୋଚନରୁ ଲିଭି ଲିଭି ଯାଉଥିବା ବେଳେ ଏହାକୁ ପୁନଃଜୀବିତ କରିବା ଉଦ୍ଦେଶ୍ୟରେ ହିଞ୍ଜିଳିକାଟୁ ନୃତ୍ୟମ କଳା ଗବେଷଣା କେନ୍ଦ୍ର ଆନୁକୂଲ୍ୟରେ ନିର୍ମାଣ ଚାଲିଛି କ୍ଷୁଦ୍ର ଚଳଚ୍ଚିତ୍ର 'ଅଦମ୍ୟ'। ଖ୍ୟାତିନାମା ପ୍ରାମାଣିକ ଚଳଚ୍ଚିତ୍ର ନିର୍ଦ୍ଦେଶକ କୃଷ୍ଣଚନ୍ଦ୍ର ସାହୁ (କ୍ରିଷ୍ଣା ଡ଼ିକେ)ଙ୍କ ପରିକଳ୍ପନା ଓ ନିର୍ଦ୍ଦେଶନାରେ 'ଅଦମ୍ୟ'ର ସୁଟିଂ ବର୍ତ୍ତମାନ ଶେଷ ହୋଇଛି। ହିଞ୍ଜିଳିକାଟୁ ଓ ମକରଝୋଳ ଗ୍ରାମ ସମେତ ଆଖପାଖ ଅଞ୍ଚଳରେ ଏହାର ସୁଟିଂ ହୋଇଥିଲା। କାହାଣୀକାର ସୀମାଞ୍ଚଳ ମହରଣାଙ୍କ ଲିଖିତ ଏହି ଚଳଚ୍ଚିତ୍ରରେ ରଞ୍ଜିତ ରଥ ଚିତ୍ର ଉତ୍ତୋଳନ କରିଥିଲେ। ବିଭିନ୍ନ ଭୂମିକାରେ ବରିଷ୍ଠ ଅଭିନେତା ଚୌଧୁରୀ ଜୟପ୍ରକାଶ, ନାରାୟଣ ମହାରଣା, ପ୍ରୀତିରଞ୍ଜନ ପ୍ରଧାନ, ମଧୁସୂଦନ ମିଶ୍ର, ସପନ କୁମାର, କ୍ଷୀରସିନ୍ଧୁ, ସଞ୍ଚିତା, କାଜଲ, ସୁଇଟି, ବିବେକ, ଶୁଭମଙ୍କ ସମେତ ବହୁ ସ୍ଥାନୀୟ କଳାକାର ଅଭିନୟ କରିଛନ୍ତି। ଏନେଇ ନିର୍ଦ୍ଦେଶକ କ୍ରିଷ୍ଣା ଡ଼ିକେ କହିଛନ୍ତି ଯେ, ଲୋକକଳା କେବେ ଲିଭିବ ନାହିଁ। ସମାଜକୁ ଲୋକକଳା ଓ ଲୋକନୃତ୍ୟ ସବୁବେଳେ ବାଟ ଦେଖାଇଛି। ପ୍ରତ୍ୟେକ ମଣିଷ ଥରେ ଅଧେ ଜୀବନରେ ଗାଁ ଆଖଡ଼ା ଯିବା ଉଚିତ ବୋଲି ସେ କହିଛନ୍ତି। ଏହି କ୍ଷୁଦ୍ର ଚଳଚ୍ଚିତ୍ର ଅନେକ ସମ୍ଭାବନା ମଧ୍ୟ ତିଆରି କରିବ ବୋଲି ସେ ଦୃଢୋକ୍ତି ପ୍ରକାଶ କରିଛନ୍ତି।



### ସମସ୍ୟାରେ ରକ୍ତଭଣ୍ଡାର

# ରୋଗୀଙ୍କୁ ମିଳୁନି ଆବଶ୍ୟକ ସୁବିଧା

**ଭଞ୍ଜନଗର,୧୯ ।୬(ସମିସ):** ବ୍ରହ୍ମପୁର ଏମକେସିଜି ହସ୍ପିଟାଲ ପରେ ଗଞ୍ଜାମ ଜିଲ୍ଲାର ଦ୍ୱିତୀୟ ବୃହତ୍ତମ ମେଡ଼ିକାଲ ହେଉଛି ଭଞ୍ଜନଗର ଉପଖଣ୍ଡ ଡାକ୍ତରଖାନା। ଏଠାକୁ ପ୍ରତିଦିନ ଗଞ୍ଜାମ, କନ୍ଧମାଳ ଓ ନୟାଗଡ଼ ଜିଲ୍ଲାରୁ ବହୁ ସଂଖ୍ୟକ ରୋଗୀ ଚିକିତ୍ସିତ ହେବା ପାଇଁ ଆସନ୍ତି। ରୋଗୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଗତ ୧୯୮୭ରେ ମେଡ଼ିକାଲ ପରିସରରେ ଏକ ରେଡ଼କ୍ରସ ରକ୍ତ ଭଣ୍ଡାର ସ୍ଥାପନ କରାଯାଇଛି। ଗତ ୨୦୧୭ ମସିହାରେ ଏହାକୁ ସରକାରୀ ମାନ୍ୟତା ମିଳିବା ପର ଠାରୁ ବର୍ତ୍ତମାନ ଓଡ଼ିଶା ରକ୍ତଭଣ୍ଡାର ନାମରେ ପରିଚାଳିତ ହେଉଛି। ଗତ ୨୦୧୨ ମସିହା ବେଳକୁ ପ୍ରତିଦିନ ୪ରୁ ୫ୟୁନିଟ ରକ୍ତ ଆବଶ୍ୟକ ହେଉଥିବା ବେଳେ ବର୍ତ୍ତମାନ ସମୟରେ ଦିନକୁ ୧୫ରୁ ୨୦ୟୁନିଟ ରକ୍ତ ରୋଗୀଙ୍କ ପାଇଁ ଦରକାର ହେଉଛି। ଖରାଦିନେ ରକ୍ତ ସଂଗ୍ରହ ହାର କମ ହେଉଥିବା ବେଳେ ରୋଗୀମାନେ ନିଜେ କୌଣସି ରକ୍ତ ଯୋଗାଡ଼ ନକରି ସମ୍ପୂର୍ଣ୍ଣ ରକ୍ତଭଣ୍ଡାର ଉପରେ ନିର୍ଭରଶୀଳ ହୋଇ ପଡୁଛନ୍ତି।ତେଣୁ କିଭଳି ସଚେତନତା



ସୃଷ୍ଟି କରିବା ସହ ବିଭିନ୍ନ ସ୍ଥାନରେ ରକ୍ତଦାନ ଶିବିର ଆୟୋଜନ କରି ଅଧିକରୁ ଅଧିକ ରକ୍ତ ସଂଗ୍ରହ ହୋଇ ପାରିବ ତାହା ଚିନ୍ତାର କାରଣ ସାଜିଛି। ଅନେକ ସମୟରେ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ଓ ସମାଜସେବୀଙ୍କ ସହଯୋଗରେ ରକ୍ତର ଅଭାବକୁ ଦୂର କରାଯାଉଛି। ସେହିପରି ଏଲାଇଜା ଟେଷ୍ଟିଙ୍ଗ ରୁମ୍, ପରୀକ୍ଷାଗାର, କନ୍ଫରେନ୍ସିଂଗ ହଲ,କାଉନସେଲିଂ ରୁମ୍,ଷ୍ଟାଫ ରେଷ୍ଟ ରୁମ୍ ନଥିବା ବେଳେ କେବଳ ଜଣେ ଏକାଉଣ୍ଟାଣ୍ଟ, ଜଣେ ବିଶେଷଜ୍ଞ, ୩ଜଣ ଅଟେଣ୍ଡାଣ୍ଟ ରହିଛନ୍ତି। ରକ୍ତଭଣ୍ଡାରକୁ ଏକ ଆମ୍ବୁଲାନ୍ସ ମିଳିଥିଲେ ମଧ୍ୟ ତାହାର ଡ୍ରାଇଭର କେହି ନାହାନ୍ତି। କର୍ମଚାରୀ ଅଭାବ ଯୋଗୁଁ କାମ ଚଳା ଭାବେ ମେଡ଼ିକାଲରୁ ଜଣେ ଡାକ୍ତର ଓ ୩ଜଣ ବିଶେଷଜ୍ଞ ଓ ଜଣେ ଡ୍ରାଇଭର ଆସି କାର୍ଯ୍ୟରେ ସହଯୋଗ କରୁଛନ୍ତି। ବର୍ତ୍ତମାନ ରକ୍ତ ସଂରକ୍ଷଣ ପାଇଁ ରେଫ୍ରିଜେଟର, ମାଇକ୍ରୋସ୍କୋପ, ଏଲାଇଜା ମେସିନର ଆବଶ୍ୟକତା ରହିଛି। ତେଣୁ ଏଥିପ୍ରତି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରି ତୁରନ୍ତ ଏସବୁ ସମସ୍ୟାର ସମାଧାନ କରିବା ଜରୁରୀ ହୋଇପଡିଛି।

## ଅଗ୍ନିଶମ ବିଭାଗର ବିପର୍ଯ୍ୟୟ ମୁକାବିଲା ମକ୍‌ଡ୍ରିଲ୍



**ଆସିକା,୧୯ ।୬(ସମିସ):** ବୁଧବାର ଦିନ ଆସିକା ବ୍ଲକ ଗୁଣ୍ଡପଡା ଗ୍ରାମ ପଞ୍ଚାୟତର ଜଗଦଳପୁର ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀସ୍ତରୀୟ ସାମୂହିକ ଅଭ୍ୟାସ ମକ ଡ୍ରିଲ ମାଧ୍ୟମରେ ରେ ବନ୍ୟା, ବାତ୍ୟା ଓ ନିଆଁ ଲାଗିଥିବା ସ୍ଥାନ ଭଳି ଅନେକ ବିପର୍ଯ୍ୟୟ ସମୟରେ ଲୋକ ମାନଙ୍କୁ ସହଜ ଓ କୌଶଳରେ ଉଦ୍ଧାର କରି ପାରିବ ସେ ନେଇ ମକଡ୍ରିଲ ପ୍ରସ୍ତୁତ କରାଯାଥିଲା। ଅନ୍ୟ ମାନଙ୍କ ମଧ୍ୟରେ ଅଗ୍ନିଶମ ଅଧିକାରୀ କୈଳାଶ ଚନ୍ଦ୍ର ସାହୁ, ଏ. ଶ୍ରୀନିବାସ ରାଓ, ସିଡିପିଓ ଭାଗ୍ୟଲତା ପାତ୍ର, କୃଷି ବିଭାଗ ଅଧିକାରୀ ବାସୁଦେବ ସାହୁ, ଅତିରିକ୍ତଭ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଭୁ ନନ୍ଦନ ପଣ୍ଡା, ଅଙ୍ଗନବାଡି କର୍ମୀଙ୍କ ସମେତ ଗ୍ରାମବାସୀ ଓ ବିଭିନ୍ନ ସଂଗଠନ ସଂସ୍ଥା ଉପସ୍ଥିତ ଥିଲେ।

## ଅସ୍ଥାୟୀ ମଣ୍ଡପରେ ସପ୍ତ ଠାକୁରାଣୀ

**ଆସିକା,୧୯ ।୬(ସମିସ):** ଅଧିଷ୍ଠାତ୍ରୀ ଠାକୁରାଣୀ ମା'ଫୁଲକେଶନୀଙ୍କ ତ୍ରୟୋବାର୍ଷିକ ଯାତ୍ରା ଅବସରରେ ବୁଧବାର ସପ୍ତ କଲ୍ୟାଣମୟୀ ଠାକୁରାଣୀଙ୍କୁ ଆହ୍ୱାନ କରାଯାଇ ଅସ୍ଥାୟୀ ମଣ୍ଡପରେ ବିଜେ କରାଯାଇଛି। ପ୍ରାତଃ ପ୍ରାୟ ୭ଟା ବେଳେ ପୋଲକାଶୁଣି ମନ୍ଦିରରେ ସ୍ତୋତ୍ରିୟ ପଣ୍ଡିତ ବ୍ରାହ୍ମଣ ବୃନ୍ଦଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇ ଆଜ୍ଞାମାଳ ପ୍ରାପ୍ତ ପରେ ବାଜା ବାଜଣା ସହ ଶୋଭାଯାତ୍ରାରେ ମା'ଙ୍କୁ ଅସ୍ଥାୟୀ ମଣ୍ଡପରେ ବିଜେ କରାଯାଇଥିଲା। ପରେ ଯାତ୍ରା ପରିଚାଳନା କମିଟି ସଭାପତି ଶିବ ଶଙ୍କର ପାତ୍ର, ଉପଦେଷ୍ଟା ସତ୍ୟ ନାରାୟଣ ରଥ, ମନୋଜ ମୁନୀ, ଉପସଭାପତି ତାରିଣୀ ସେନାପତି, ନିରଞ୍ଜନ ମହାନ୍ତି, ସୁରେନ୍ଦ୍ର ବିଷୋୟୀ, ରବୀନ୍ଦ୍ର ପୋଲେଇ ସଞ୍ଜୟ ସାହୁ, ସାନ୍ତୁନୁ ସାହୁ, ସରୋଜ ଦାସ,ପ୍ରସନ୍ନ ତ୍ରିପାଠୀ, ଦେବହରି ମହାନ୍ତି, ବିଶ୍ୱନାଥ ସାହୁ, ଗଣପତି ରେ‡ୀଙ୍କ ସମେତ ସମସ୍ତ କର୍ମକର୍ତ୍ତା ଓ ବହୁ ସ୍ୱେଛାସେବୀଙ୍କ ଗହଣରେ ଶତାଧିକ ଭକ୍ତ, ମହିଳା ଓ ସ୍ତୋତ୍ରିୟ ପଣ୍ଡିତ ବ୍ରାହ୍ମଣ ବୃନ୍ଦ ଶୋଭାଯାତ୍ରାରେ ଯାଇ ଆସିକା



ସହରର ମା'ଖମ୍ବେଶ୍ୱରୀ, ବସଷ୍ଟାଣ୍ଡର ବୁଢ଼ୀ ଠାକୁରାଣୀ, ମା କଳିମୁଖି, ମା' ମାଣିକେଶ୍ୱରୀ, ଲାଲା ଶାସନର ମା' ବିମଳା ସୁନାମ୍ବ ସାହି'ର ଗ୍ରାମଦେବତୀ ମନ୍ଦିରରେ ପହଞ୍ଚି ଠାକୁରାଣୀଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ପରେ ଲାଲା ଗୋର୍ଜି ଛକ ନିକଟରେ ପୂଜା ନିମନ୍ତେ ନିର୍ମିତ ଅସ୍ଥାୟୀ ମଣ୍ଡପରେ ବିଜେ କରାଯାଇ ସ୍ୱତନ୍ତ୍ର ପୂଜା ପାଠ ଆରମ୍ଭ ହୋଇଛି। ପୂଜା କାର୍ଯ୍ୟରେ ପଣ୍ଡିତ ରାମ କୃଷ୍ଣ ନନ୍ଦ, ପ୍ରମୋଦ ହୋତା, ଷଷ୍ଠୀ ପ୍ରସାଦ ହୋତା, ସାନୁଜ ମିଶ୍ର, ସୀତାରାମ ଦାସ, ବିଘ୍ନେଶ୍ୱର ଆଚାର୍ଯ୍ୟ, କୃଷ୍ଣଚନ୍ଦ୍ର ମିଶ୍ରଙ୍କ ସମେତ ସହଯୋଗୀ ବ୍ରାହ୍ମଣ ମାନେ ସହାୟତା କରୁଛନ୍ତି। ଯାତ୍ରା ୩୦ ତାରିଖ ଯାଏଁ ଅନୁଷ୍ଠିତ ହେବାକୁ ଥିବା ବେଳେ ଯାତ୍ରା ହେଉଥିବା ସାହି ମାନଙ୍କରେ ରଙ୍ଗ ବେରଙ୍ଗ ଆଲୋକମାଳା, ଆକର୍ଷଣୀୟ ତୋରଣ ଓ ମେଢ ସ୍ଥାପନ ହେବାରେ ଲାଗିଛି।

## ଆଖଣ୍ଡଳମଣିଙ୍କ ବାର୍ଷିକ ଉତ୍ସବ ଉଦ୍‌ଯାପିତ

**ରମ୍ଭା,୧୯ ।୬(ସମିସ):** ଆଖଣ୍ଡଳମଣିଙ୍କ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଦୁଇ ଦିନିଆ ପ୍ରଥମ ବାର୍ଷିକ ଉତ୍ସବ ଓ ଅଷ୍ଟ ପ୍ରହରି ନାମଯଜ୍ଞ ପଣ୍ଡିତ ଅଶୋକ କୁମାର ଶତପଥିଙ୍କ ପୌରହିତରେ ଉଦଯାପିତ ହୋଇଯାଇଛି। କର୍ତ୍ତା ଜେ ଗଙ୍ଗାଧର ପାତ୍ର ସହ ଧର୍ମିଣୀ ଜେ ସୁଭଦ୍ରା ପାତ୍ର, ଏ ମୋଚିରାମ ପାତ୍ର ସହ ଧର୍ମିଣୀ ଏ ସୀତାମା ପାତ୍ର ରହିଥିଲେ। ମହନ୍ତ ହରମୋହନ ଦାସ ରହିଥିବା ବେଳେ ପୁରୋହିତ ଜଗନ୍ନାଥ ଦାସ, ପ୍ରତାପ ତ୍ରିପାଠୀ ସହଯୋଗୀ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଯଜ୍ଞ ଶାଳା କାର୍ଯ୍ୟକ୍ରମ ଚାଲୁ ରହିଥିଲା। ଅଷ୍ଟ ପ୍ରହରି ନାମଯଜ୍ଞରେ ସଂକୀର୍ତ୍ତନ ମଣ୍ଡଳୀ ମଧ୍ୟରୁ ମଧୁରତୁଆ, ଜହମି, ବୁରୁଡି, ସାନ ରାମଚନ୍ଦ୍ରପୁର, ପଣସ ଡିହ ପ୍ରମୁଖ ପାଞ୍ଚ ହଳ ମଣ୍ଡଳୀ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ନବ ନିର୍ବାଚିତ ବିଧାୟକ



କୃଷ୍ଣଚନ୍ଦ୍ର ନାୟକଙ୍କୁ ରମ୍ଭା ଏନ. ଏ. ସି ଠାରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ପ୍ରତିନିଧି କାହ୍ନା ସ୍ୱା+ଇଁଙ୍କ ଅଧ୍ୟକ୍ଷତାରେ ଆଖଣ୍ଡଳ ମଣି ପୂଜା ମଣ୍ଡପ ପର୍ଯ୍ୟନ୍ତ ପାଛୋଡି ଅଣାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ କାଳିଆ ତରେଇ (ଉପ ନଗରପାଳ), ସୀମାଞ୍ଚଳ ବାଡ଼ତୀୟା (ମଣ୍ଡଳ ସଭାପତି), ସୁଦର୍ଶନ ସେନାପତି, ରମେଶ ବେହେରା, ପିଙ୍କୁ ଗୌଡ଼, କୈଳାସ ବେହେରା, ବୁଢୁ ଗୌଡ଼ ଘନଶ୍ୟାମ ବେହେରା, ଅଭିରାମ ବେହେରା କେଦାର ବାରିକ, ବାନାମ୍ବର ସେଠ, ବୁଲୁ ସେଠୀ, ରବି ସ୍ୱାଇଁ ସୁବାସ ବେହେରା, ଦିଲ୍ଲୀପ ତରାଇ, ସୁଧୁରୁ ତରାଇ, ମୁନା ପାତ୍ର, ରେଣୁ ଗୌଡ଼ ଦିବାକାର ତରାଇ, ରାଜା ପଟ୍ଟନାୟକ, ମନୋଜ ଗୌଡ଼, ମହେଶ୍ୱର ବେହେରା, କାଳିଆ ବେହେରା ପ୍ରମୁଖ ଶତାଧିକ ଦଳୀୟ କର୍ମୀ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ସେହିପରି ମିଞ୍ଚିଣିପାଟଣା ଗ୍ରାମ୍ୟ କମିଟି ଆର ସୋମନାଥ ରେଡି (ସଭାପତି ), ଏସ ସାକିଲ ପାତ୍ର (ଉପସଭାପତି ), ବି ଦଣ୍ଡପାଣି ପାତ୍ର (ସମ୍ପାଦକ ), ଏସ ଗଙ୍ଗାଧର ପାତ୍ର (ସହ ସମ୍ପାଦକ ), ଜେ ଲୋକନାଥ ପାତ୍ର (କୋଷାଧକ୍ଷ ) ସହିତ ସହିଦ ଭଗତ ସିଂ ଯୁବକ ସଂଘ ଓ ସୁବାସ ବୋଷ ଯୁବକ ସଂଘ, ଏନ ଡମ୍ବରୁ ଧର ପାତ୍ର, ଏ ସାକିଲ ପାତ୍ର, ଆର ନାରାୟଣ ରେଡି, ଟି ଗଣେଶ ରେଡି ପ୍ରମୁଖ ସଞ୍ଚାଳନରେ ମୁଖ୍ୟାଂଶରେ ରହିଥିବା ଜଣାଯାଇଛି। ଏଥି ସହିତ ଚନ୍ଦ୍ରଶେଖର ରେଡି, ଏନ ଦୁର୍ଯ୍ୟୋଧନ ରେଡି, ସରୋଜ କୁମାର ଦାସ ବହୁ ବରିଷ୍ଠ ଅଧିକାରୀ ପୂଜା କାର୍ଯ୍ୟକ୍ରମରେ ସାମିଲ ହେବା ସହ ସହଯୋଗ କରିଥିଲେ।

## ବିଦ୍ୟୁତ୍ କାଟ୍ ସ୍ଥଗିତ ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

**ପାରଳାଖେମୁଣ୍ଡି,୧୯ ।୬(ସମିସ):** ଗଜପତି ଜିଲ୍ଲାରେ କିଛି ଦିନ ହେଲା ତାପମାତ୍ରା ଓ ଆଦ୍ରତା ବୃଦ୍ଧି ପାଇବାରେ ଲାଗିଛି। ଏଥିଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଏଭଳି ସ୍ଥିତିରେ ବିଦ୍ୟୁତ ବିଭାଗ ତରଫରୁ ରକ୍ଷଣାବେକ୍ଷଣ ବାହାନା ଦେଖାଇ ମନଇଚ୍ଛା ବିଦ୍ୟୁତ କାଟ କରାଯାଉଛି । ଜୁନ୍ ୨୦ ତାରିଖ ସକାଳ ୭ଘଣ୍ଟା ଠାରୁ ଅପରାହ୍ନ ୪ଘଣ୍ଟା ପର୍ଯ୍ୟନ୍ତ ବିଦ୍ୟୁତକାଟ ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ଏକ ବିଜ୍ଞପ୍ତି ଜାରି କରିଥିଲେ। ଏହାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଜିଲ୍ଲାର ସଦରମହକୁମା ପାରଳାଖେମୁଣ୍ଡି ସମେତ ବିଭିନ୍ନ ଅଞ୍ଚଳରେ ଜନଅସନ୍ତୋଷ ବୃଦ୍ଧି ପାଉଥିବା ଅନୁଭବ କରି ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଆଗାମୀ ୧୫ ରୁ ୨୦ ଦିନ ପର୍ଯ୍ୟନ୍ତ ବିଦ୍ୟୁତ କାଟ ନ କରିବା ପାଇଁ ଚିଠି ମାଧ୍ୟମରେ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ ।

## ରକ୍ତଶିକୁଳି ରୋଗ ନିରାକରଣ ସଚେତନତା



**ଦିଗପହଣ୍ଡି,୧୯ ।୬(ସମିସ):** କେନ୍ଦ୍ର ସରକାରଙ୍କ ଜନଜାତି ବ୍ୟାପାର ମନ୍ତ୍ରଣାଳୟ ଆନୁକୂଲ୍ୟରେ ବୁଧବାର ସ୍ଥାନୀୟ ଖେମୁଣ୍ଡି କଲେଜ ପରିସରରେ ରକ୍ତ ଶିକୁଳି ରୋଗ ନିରାକରଣ ସଚେତନତା କର୍ମଶାଳା ଉଦଘାଟିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡ. ଅସିତ କୁମାର ଷଡଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାକୁ ଖେମୁଣ୍ଡି ଓକିଲ ସଂଘର ସଭାପତି ହରପ୍ରସାଦ ରଥ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାକୁ ଉଦଘାଟନ କରିଥିଲେ। ସେହିଭଳି ପ୍ରାଣୀ ବିଜ୍ଞାନ ମୁଖ୍ୟ ଅଧ୍ୟାପିକା ଆରତୀ ପାତ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବା ବେଳେ ଅଧ୍ୟାପକ ଭବାନୀ ଶଙ୍କର ପାଣିଗ୍ରାହୀ, ଅବିନାଶ ଚନ୍ଦ୍ର ପାଢ଼ୀ, ଗୋପାଳ କୃଷ୍ଣ ପଣ୍ଡା ସମ୍ମାନିତ ବକ୍ତା ଭାବେ ନିଜ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ପଦାର୍ଥ ବିଜ୍ଞାନ ମୁଖ୍ୟ ଅଧ୍ୟାପିକା ଶାଳିନୀ ସକସେନା ସଂଯୋଜନା କରିଥିବା ବେଳେ ଇଂରାଜୀ ବିଭାଗ ମୁଖ୍ୟ ଅଧ୍ୟାପକ ହର୍ଷଚନ୍ଦ୍ର ରଥ ଧନ୍ୟବାଦ ଅର୍ପଣ କରିଥିଲେ।

## ସମୁଦ୍ରରେ ବୁଡ଼ି ଯୁବକ ନିଖୋଜ

**ଛତ୍ରପୁର,୧୯ ।୬(ସମିସ):** ଗଞ୍ଜାମ ଜିଲ୍ଲା ଆର୍ଯ୍ୟପଲ୍ଲୀ ସମୁଦ୍ରରେ ବୁଡି ଜଣେ ଯୁବକ ନିଖୋଜ ହୋଇଛନ୍ତି। ନିଖୋଜ ଯୁବକ ଜଣକ ହେଲେ କେ. ଆର୍ଯ୍ୟପଲ୍ଲୀ ଗ୍ରାମର ହେମନସେନ ବେହେରା। ଘଟଣାସ୍ଥଳରେ ଅଗ୍ନିଶ୍ରମ ବିଭାଗ, ଓଡ୍ରାଫଟିମ, ତଟରକ୍ଷୀ ବାହିନୀ ଓ ପୋଲିସ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ହେମନ ତାଙ୍କ ୪ ରୁ ୫ ଜଣ ସାଙ୍ଗଙ୍କ ସହ ସମୁଦ୍ରକୁ ଗାଧେଇବାକୁ ଆସିଥିଲେ। ଗାଧେଇବା ବେଳେ ହେମନ ପାଣିରେ ଭାସି ଯାଇଥିଲେ। ପରେ ତାଙ୍କୁ ଉଦ୍ଧାର କାର୍ଯ୍ୟ ଜାରି ରଖାଯାଇଛି। ଘଟଣା ସ୍ଥଳରେ ଛତ୍ରପୁର ଏସଡ଼ିପିଓ ଗୌର ହରି ସାହୁ, ଆର୍ଯ୍ୟପଲ୍ଲୀ ଥାନାଧିକାରୀ ବିଦ୍ୟା ଭାରତୀ ନାୟକଙ୍କ ସମେତ ବହୁ ପୁଲିସ, ଅଗ୍ନିଶମ ଓ ଓଡ୍ରାଫ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ।

■ ଗୁରାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର

## ବିଶ୍ୱ ରକ୍ତଶିକୁଳି ସଚେତନତା କାର୍ଯ୍ୟକ୍ରମ



**ଗୋଷାଣି,୧୯ ।୬(ସମିସ):** ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଗୁରାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ବିଭିନ୍ନ ସ୍ଥାନରେ ରକ୍ତଶିକୁଳି ରକ୍ତହୀନତା ନିରାକରଣ ଦିବସ ଉପଲକ୍ଷେ ବିଭିନ୍ନ ସ୍ଥାନରେ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଗୁରାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା.ପତିତପାବନ ବାରିକଙ୍କ ନେତୃତ୍ୱରେ ଗାରବନ୍ଧ, ଲାବାଣ୍ୟଗଡ, ଦୋନୁରୁ, ଗୁରାଣ୍ଡି ଆଦି ଗ୍ରାମାଞ୍ଚଳରେ ଶୋଭାଯାତ୍ରା ଆୟୋଜନ କରାଯାଇ ଗ୍ରାମାଞ୍ଚଳବାସୀଙ୍କୁ ଏସମ୍ପର୍କରେ ସଚେତନତା କରାଯାଇଥିଲା। ରକ୍ତର ଉପଯୋଗୀତା ଏବଂ ରକ୍ତହୀନତା ଦୂର କିପରି ହେବ ସେ ନେଇ କୁହାଯାଇଥିଲା । ଏହା ସହ ସ୍ୱାସ୍ଥ୍ୟ ସଂକ୍ରାନ୍ତ କୌଣସି ସମସ୍ୟା ହେଲେ ତୁରନ୍ତ ନିକଟରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର କିମ୍ବା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ଜରୁରୀ ବୋଲି କୁହାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଗାରବନ୍ଧ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରର ଡା. ମହାଦେବ ମାଝୀ, ବରିଷ୍ଠ ଫାର୍ମାସିଷ୍ଟ କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ସମେତ ବହୁ ସ୍ୱାସ୍ଥ୍ୟକର୍ମଚାରୀ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ଗୁରାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଜନ ସମ୍ପ୍ରସାରଣ ଅଧିକାରୀ ମମତା ପାଢୀ ପରିଚାଳନା କରିଥିବା ବେଳେ ସ୍ୱାସ୍ଥ୍ୟ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।

## ଶୁଖିଲା ଗଛ ପଡ଼ି ରାସ୍ତା ଅବରୋଧ



**ଦାରିଙ୍ଗବାଡ଼ି/ବ୍ରାହ୍ମଣୀଗାଁ,୧୯।୬(ସମିସ):** କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ବ୍ଲକ ହାତୀମୁଣ୍ଡା ପଞ୍ଚାୟତ ବୁଜୁଲି ଗ୍ରାମ ରାସ୍ତା ଉପରେ ବିରାଟକାୟ ଶୁଖିଲା ଗଛ ପଡ଼ିଯିବାରୁ ରାସ୍ତା ଅବରୋଧ ହୋଇ ଗମନାଗମନ ବନ୍ଦ ହୋଇଯାଇଛି। ଚାରିଦିନ ପୂର୍ବେ ରାସ୍ତା କଡରେ ଥିବା ବିରାଟକାୟ ଶୁଖିଲା ଆମ୍ବ ଗଛ କାଳବୈଶାଖୀ ବର୍ଷା ପବନରେ ରାସ୍ତା ଉପରେ ପଡ଼ି ରାସ୍ତା ଅବରୋଧ କରି ରହିଛି । ଏଥିରେ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇ ରହି ଆସିଛି ବୁଜୁଲି ଗ୍ରାମ। ଏଥିପାଇଁ ଗ୍ରାମର ଲୋକମାନେ କାହାକୁ କହିବେ, କଣ କରିବେ ଜାଣି ନ ପାରି ଚିନ୍ତାରେ ଅଛନ୍ତି । ପ୍ରଶାସନ ଏଥିପାଇଁ ଦୃଷ୍ଟି ଦେଇ ଅବରୋଧ ହଟାଇ ଗମନାଗମନ ସୁବିଧା କରିବା ପାଇଁ ଦାବି ହେଉଛି ।

## ଚେସ୍ ସମର କ୍ୟାମ୍ପ୍ ଉଦ୍‌ଯାପିତ



**କବିସୂର୍ଯ୍ୟନଗର,୧୯ ।୬(ସମିସ):** କବିସୂର୍ଯ୍ୟନଗର ଚେସ ଏକାଡେମୀ ପକ୍ଷରୁ କବିସୂର୍ଯ୍ୟନଗର ସ୍ଥିତ ଗାୟତ୍ରୀ ଇନ୍‌ଷ୍ଟିଟ୍ୟୁଟ ଠାରେ ବୁଧବାର ବିଭିନ୍ନ ବର୍ଗର ଚେସ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହାକୁ ମାଷ୍ଟର ସୁରେଶ ଚନ୍ଦ୍ର କର ଓ ଏସ. ଗୋରାଚାନ୍ଦ ରେଡି ପରିଚାଳନା କରିଥିଲେ। ଫାଇନାଲ ରାଉଣ୍ଡରେ ପ୍ରତ୍ୟୁଷା ରାଣୀ ଦାସ ପ୍ରଥମ, ଶ୍ରୀୟା ରାଉତ ଦ୍ୱିତୀୟ, ପ୍ରୟାସାରାଣୀ କର ତୃତୀୟ ଓ ନୃସିଂହନାଥ କର ଚତୁର୍ଥ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଶିକ୍ଷାବିତ ଗାୟତ୍ରୀ କର, ପ୍ରବାସ ଚନ୍ଦ୍ର ନାହାକ, ଗାୟତ୍ରୀ କର, ଶାସଂକଶେଖର ସାହୁ ଓ ଜ୍ଞାନରଞ୍ଜନ ରଥ ପରିଚାଳନା କରିଥିଲେ।

# ନିର୍ବାଚନକୁ ନେଇ ବିଜେଡିର ସମୀକ୍ଷା

**ଗଞ୍ଜାମ,୧୯ ।୬(ସମିସ):** ଗଞ୍ଜାମ ବ୍ଲକ ଅନ୍ତର୍ଗତ ମଲାଡ଼ ପଞ୍ଚାୟତର କୁଶପଲ୍ଲୀ ଗ୍ରାମ ନିକଟସ୍ଥ ଚାମୁଣ୍ଡା ମନ୍ଦିରରେ ବିଜେଡିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଛତ୍ରପୁର ନିର୍ବାଚନମଣ୍ଡଳୀରେ ବିଜୁ ଜନତା ଦଳ ପରାଜୟ ପରେ ଗଞ୍ଜାମ ବ୍ଲକସ୍ତରୀୟ ବିଜେଡିର ଏହା ପ୍ରଥମ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ରହ୍ମପୁର ସାଂସଦ ପାର୍ଥୀ ଭୃଗୁବକ୍ସି ପାତ୍ର, ପୂର୍ବତନ ବିଧାୟକ ସୁବାସ ଚନ୍ଦ୍ର ବେହେରା, ଛତ୍ରପୁର ନିର୍ବାଚନମଣ୍ଡଳୀ ବିଜେଡି ପର୍ଯ୍ୟବେକ୍ଷକ ନାରାୟଣ ଜେନା ପ୍ରମୁଖ ଯୋଗଦେଇ ଆଗାମି ଦିନରେ ସ୍ଥାନୀୟ ଅଞ୍ଚଳରେ ଦଳୀୟ ସଂଗଠନ କିପରି ସୁଦୃଢ ହୋଇପାରିବ ସେ ସମ୍ପର୍କରେ ପରାମର୍ଶ ଦେଇଥିଲେ। ସାମ୍ପ୍ରତିକ ସମୟରେ ସରକାରଙ୍କ



ବିଭିନ୍ନ ଯୋଜନାରେ ସାଧାରଣ ଜନତାଙ୍କ ପାଇଁ କିଛି ସମସ୍ୟା ଦେଖାଗଲେ ତାର ଦୃଢ଼ ବିରୋଧ କରାଯିବା ନେଇ ଆଲୋଚନା ହୋଇଥିଲା। ତୃଣମୂଳ ସ୍ତରରେ ସମସ୍ତ ବିଜେଡି କର୍ମୀ ଲୋକଙ୍କ ପାଖରେ ରହି କାର୍ଯ୍ୟକରିବାକୁ ପରାମର୍ଶ ଦିଆଯାଇଥିଲା। ବୈଠକରେ ଇନ୍ଦ୍ରମଣି ଦଳେଇ ସଭାପତତ୍ୱ କରିଥିଲେ। ଜିଲ୍ଲା ପରିଷଦ ସଭ୍ୟ ସନାତନ ବେହେରା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁରଥ ପ୍ରଧାନ, ପ୍ରଶାନ୍ତ କର, ଉମା ଜେନା, ବଟକୃଷ୍ଣ ପଣ୍ଡା, ସୁଧୀର ପାଢ଼ୀ, କୈଳାସ ଚନ୍ଦ୍ର ସ୍ୱାଇଁ, ଲିଙ୍ଗରାଜ ମହାପାତ୍ର, ନୀଳାଞ୍ଚଳ ବାରିକି, ରାକେଶ ରଞ୍ଜନ ଦାସ, ବିଜୟ ବିଶ୍ୱାଳ, ରଙ୍କ ପଲାଇ, ନିରଞ୍ଜନ ପରିଡା ପ୍ରମୁଖଙ୍କ ସମେତ ବିଜେଡି ସରପଞ୍ଚ, କାଉନସିଲର ଓ ଶତାଧିକ କର୍ମୀ ଉପସ୍ଥିତ ରହିଥିଲେ।

ସକାଳ
THE SAKALA



# ସାପ କାମୁଡ଼ାରେ ମହିଳା ମୃତ

**ବୁଗୁଡ଼ା,୧୯ ।୬(ସମିସ):** ସାପ କାମୁଡାରେ ବୁଗୁଡା ଅଞ୍ଚଳର ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ବୁଗୁଡ଼ା ବ୍ଲକ ବି.କରଡ଼ାବାଡି ପଞ୍ଚାୟତ ଅନ୍ତର୍ଗତ ଦଦରାଖୋଲ ଗ୍ରାମର ନମିତା ନାୟକ(୪୯) । ଗତ ୧୩ ତାରିଖ ରାତିରେ ନମିତା କୌଣସି କାମରେ ବାରିପଟକୁ ଯାଇଥିବା ବେଳେ ତାଙ୍କୁ ସାପ କାମୁଡି ଦେଇଥିଲା । ପରିବାର ଲୋକେ ତାଙ୍କୁ ପ୍ରଥମେ ବୁଗୁଡ଼ା ମେଡିକାଲରେ ଭର୍ତ୍ତି କରିଥିଲେ । କିନ୍ତୁ ସେଠାରେ ତାଙ୍କ ଅବସ୍ଥା ଅଧିକ ଗୁରୁତର ହେବାରୁ ବ୍ରହ୍ମପୁର ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ସେ ମୃତ୍ୟୁବରଣ କରିଥିବା ଜଣାପଡିଛି । ଏନେଇ ବୈଦ୍ୟନାଥପୁର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ।

● ଓଲଟିଲା ଅଟୋ

# ଚାଳକଙ୍କ ସମେତ ୬ ଆହତ

**ଦିଗପହଣ୍ଡି,୧୯ ।୬(ସମିସ):** ଦିଗପହଣ୍ଡି - ବ୍ରହ୍ମପୁର ୧୭ନଂ ରାଜ୍ୟ ରାଜପଥ ଅନଙ୍ଗପୁର ଗାଁ ନିକଟ ମୁଖ୍ୟରାସ୍ତାରେ ବୁଧବାର ଅପରାହ୍ନ ପ୍ରାୟ ସାଢ଼େ ୩ ଟାରେ ଏକ ଯାତ୍ରୀବାହୀ ଅଟୋ (ନଂ.ଓଡି ୦୭ ଜେଡ -୬୮୭୨) ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡ଼ିବାରୁ ଅଟୋ ଚାଳକଙ୍କ ସମେତ ୬ ଜଣ ଆହତ ହୋଇଛନ୍ତି । ଆହତ ମାନେ ହେଲେ ଦିଗପହଣ୍ଡି ସାନବ୍ରାହ୍ମଣ ସାହିର ଦନାର୍ଦ୍ଦନ ମହାରଣା ତାଙ୍କ ସ୍ତ୍ରୀ ଶକୁନ୍ତଳା ମହାରଣା, ଜକରାପଲ୍ଲୀ ଗ୍ରାମର କୁନି ଗୌଡ଼, କେ.ନୂଆଗାଁ ଥାନା ଗୌଡ଼ ଗାଁର ଲବଙ୍ଗ ବେହେରା, ବ୍ରହ୍ମପୁର ସଦର ଥାନା କୁକୁଡ଼ାଖଣ୍ଡି ଗ୍ରାମର ରମା ଗୌଡ଼, ପାଟପୁର ଥାନା ସାହସପୁର ଗ୍ରାମର ଅଟୋ ଚାଳକ ଭଗବାନ ସେଠୀ । ଆହତ ମାନଙ୍କୁ ଉଦ୍ଧାର କରାଯାଇ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ଦନାର୍ଦ୍ଦନ ମହାରଣା, ଶକୁନ୍ତଳା ମହାରଣା ଏବଂ କୁନି ଗୌଡ଼ଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ଯାତ୍ରୀ ମାନେ ବ୍ରହ୍ମପୁରରୁ ଦିଗପହଣ୍ଡି ଅଭିମୁଖେ ଆସୁଥିବା ବେଳେ ଦୁର୍ଘଟଣା ଘଟିଥିବା ପୁଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି । ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଅଟୋ ଜବତକରି ମକଦ୍ଦମା ରୁଜୁ କରିଛନ୍ତି ।

# ଚାଷୀଙ୍କୁ କିଷାନ ସମ୍ମାନ ନିଧି ସହାୟତା



**ଧରାକୋଟ,୧୯ ।୬(ସମିସ):** ପିଏମ କିସାନ ସମ୍ମାନ ନିଧି ଯୋଜନା ଯୋଜନାର ୧୭ତମ କିସ୍ତିର ଅର୍ଥ ରାଶିକୁ ମଙ୍ଗଳବାର ଡିବିଟି ମାଧ୍ୟମରେ ସିଧା ସଳଖ ଚାଷୀ ମାନଙ୍କ ଖାତାକୁ ୨୦୦୦ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ଦିଆଯାଇଛି । ବ୍ଲକ କୃଷି ସୂଚନା କେନ୍ଦ୍ର ସମ୍ମିଳନୀ କକ୍ଷରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅତିରିକ୍ତ ବିଡିଓ ସୁଶୀଲ କୁମାର ପଟ୍ଟନାୟକ ସଭାପତିତ୍ୱ କରିଥିବାବେଳେ ଅତିଥି ଭାବରେ ଏଏଫଓ ଶିବାନୀ ମହାନ୍ତି, ଏଏଓ ଜଗଦୀଶ ଚୌଧୁରୀ, ବିପିଏମ ପ୍ରତାପ ସ୍ୱାଇଁଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ରହିଥିଲେ । ବ୍ଲକ କୃଷି ଅଧିକାରୀ ବିଶ୍ୱନାଥ ବେହେରା ଏହାର ସଂଯୋଜନା କରିଥିବାବେଳେ ପ୍ରାୟ ୫୦ରୁ ଅଧିକ ଚାଷୀ ଉପସ୍ଥିତ ରହିଥିଲେ । ଏହି ଅବସରରେ ଧରାକୋଟ ବ୍ଲକର ପ୍ରାୟ ୯ହଜାରରୁ ଅଧିକ ଚାଷୀଙ୍କୁ ଏହି ସହାୟତା ରାଶି ପ୍ରଦାନ କରାଯାଇଥିଲା ।

# ବିପର୍ଯ୍ୟୟ ପ୍ରଶମନ ମୁକାବିଲା ପ୍ରସ୍ତୁତି



**ସାନଖେମୁଣ୍ଡି,୧୯ ।୬(ସମିସ):** ସାନଖେମୁଣ୍ଡି ବ୍ଲକ ପ୍ରଶାସନ ପକ୍ଷରୁ ସାନଖେମୁଣ୍ଡି ବ୍ଲକ ସମ୍ମିଳନୀ କକ୍ଷରେ ବୁଧବାର ବନ୍ୟା ବାତ୍ୟାର ସଫଳ ମୁକାବିଲା ପାଇଁ ସମସ୍ତ ଲାଇନ୍ ବିଭାଗର ପଦାଧିକାରୀ ଓ ଲୋକ ପ୍ରତିନିଧି ମାନଙ୍କୁ ନେଇ ବିପର୍ଯ୍ୟୟ ପ୍ରଶମନ ମୁକାବିଲା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସାନଖେମୁଣ୍ଡି ବିଡିଓ ଜିତେନ୍ଦ୍ର କୁମାର ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ତହସିଲଦାର ରାମଚନ୍ଦ୍ର ପଟ୍ଟନାୟକ, ଆକାଉଣ୍ଟେଣ୍ଟ ସଞ୍ଜିତ ସୁମନ ପ୍ରମୁଖ ମଞ୍ଚାସିନ ଥିଲେ । ସାନଖେମୁଣ୍ଡି ବ୍ଲକରେ ବର୍ତ୍ତମାନ ସୁଦ୍ଧା କୌଣସି ବାତ୍ୟା ଆଶ୍ରୟସ୍ଥଳି ନଥିବା ହେତୁ ବାତ୍ୟା ଆଶ୍ରୟ ସ୍ଥଳି ଚିହ୍ନଟ କରିବା ସହ ନୂତନ ଭାବେ ବାତ୍ୟା ଆଶ୍ରୟ ସ୍ଥଳ ନିର୍ମାଣ କରିବା ପାଇଁ ପ୍ରସ୍ତାବ ଦିଆଯାଇଥିଲା । କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ ଲାଇନ୍ ଅଧିକାରୀ, ଜିଲ୍ଲା ପରିଷଦ, ସରପଞ୍ଚ ଓ ସମିତି ସଭ୍ୟ ଉପସ୍ଥିତ ଥିଲେ ।

ଡିଏନ୍‌ଟି କଲୋନୀରେ ଆନ୍ଧ୍ର ଇଟାଭାଟି

# ପ୍ରଦୂଷଣ ଆଇନର ଖୋଲା ଉଲ୍ଲଂଘନ

**ହୁମ୍ମା,୧୯ ।୬(ସମିସ)**

ଗଞ୍ଜାମ ବ୍ଲକରେ ବେଧଡକ ବଢିଚାଲିଛି ଆନ୍ଧ୍ର ଇଟା ଭାଟି । ସେଥି ମଧ୍ୟରୁ ଗଞ୍ଜାମ ବ୍ଲକର ଡିଏନଟି କୋଲନୀ ଗ୍ରାମ ସ୍ଥିତ ଇଟାଭାଟି ବାଦ୍ ପଡ଼ି ନାହିଁ । ଏଥିଯୋଗୁ ପରିବେଶ ନଷ୍ଟ ହେବା ସହ ସ୍ଥାନୀୟ ଅଞ୍ଚଳରେ ଚାଷଜମି ବ୍ୟାପକ ମାଟି ଖୋଳା ଚାଲିଛି । ଯାହାକୁ ନେଇ ସାଧାରଣରେ ମଧ୍ୟ ଅସନ୍ତୋଷ ବଢ଼ିବାରେ ଲାଗିଛି । ପରିବେଶ ସୁରକ୍ଷା ପାଇଁ ନିର୍ମାଣ କାର୍ଯ୍ୟରେ ମାଟି ତିଆରି ଇଟା ବ୍ୟବହାର ଉପରେ ୨୦୧୯ରୁ ସରକାରୀ ସ୍ତରରେ ପ୍ରତିବନ୍ଧକ ଲାଗୁ ହୋଇଥିଲେ ହେଁ ବ୍ୟବସାୟୀ ଏହାକୁ ଭ୍ରୂକ୍ଷେପ କରୁନାହାନ୍ତି । ଆନ୍ଧ୍ର ବେପାରୀମାନେ ବେଧଡ଼କ ଇଟା



ପୋଡ଼ି ଚାଲିଛନ୍ତି । ଫ୍ଲାଏ ଆଶ୍ ଇଟା ନିର୍ମାତାଙ୍କ ମୁଣ୍ଡବିନ୍ଧାର କାରଣ ହୋଇଛି । ଏଥିସହ ନୂତନ ଭାବେ ପରିବହନ ହେରାଫେରି ଚାଲିଛି । ଓଡ଼ିଶା ରାଜ୍ୟ ପ୍ରଦୂଷଣ ବୋର୍ଡ ଓ ରାଜ୍ୟ ସରକାରଙ୍କ ବିନା ଅନୁମତିରେ ମାଟିରେ ଇଟା ନିର୍ମାଣ ହୋଇପାରିବ ନାହିଁ । ଏଥିପାଇଁ ପାୱାର ଥର୍ମାଲ ପ୍ଲାଣ୍ଟରୁ ନିର୍ଗତ ସି ଗ୍ରେଡ ଫ୍ଲାଏ ଆଶ୍‌କୁ ଇଟାରେ ପରିଣତ କରିବାକୁ ରାଜ୍ୟ ସରକାର ଜିଲ୍ଲା ଶିଳ୍ପ କେନ୍ଦ୍ର ମାଧ୍ୟମରେ ପ୍ରୋତ୍ସାହିତ କରୁଛନ୍ତି । ତେବେ ଏପରି କଟକଣାକୁ ଉଘଞ୍ଚ କୋଲନୀ ଗ୍ରାମରେ ହୋଇଥିବା ଏହି ଆନ୍ଧ୍ର ଇଟାଭାଟି ମାଲିକ ଜମା ମାନୁନାହାନ୍ତି । ମାଟି ଇଟାଭାଟି ନିର୍ମାଣ ଫଳରେ ସ୍ଥାନୀୟ ଅଞ୍ଚଳର ପରିବେଶ ପ୍ରଦୂଷିତ କରୁଥିବା ବେଳେ ଯୁବ ଶିଳ୍ପୋଦ୍ୟୋଗୀଙ୍କ ମୁଣ୍ଡବ୍ୟଥାର କାରଣ ହୋଇଛି । ତେଣୁ ଗଞ୍ଜାମ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ପ୍ରଦୂଷଣ ନିୟନ୍ତ୍ରଣ ବୋଡର୍ ଏହାର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସୁବଳୟା ପଞ୍ଚାୟତବାସୀ ଦାବି କରିଛନ୍ତି ।

# ରାତିଅଧିଆ ଗୋରୁ ଚାଲାଣ

**ହୁମ୍ମା,୧୯ ।୬(ସମିସ):** ଗଞ୍ଜାମ ବ୍ଲକ ଅଞ୍ଚଳରେ ବୃଦ୍ଧି ପାଉଛି ଅବାଧ ଗୋରୁ ଚାଲାଣ । ଜିଲ୍ଲାର ବିଭିନ୍ନ ଗ୍ରାମ ମାନଙ୍କରୁ ଗୋରୁ ବେପାରୀମାନେ ଶହ ଶହ ସଖ୍ୟାରେ ଗୋରୁ ବାହାର ରାଜ୍ୟକୁ ଚାଲାଣ କରୁଥିବା ଦେଖିବାକୁ ମିଳୁଛି । ଜିଲ୍ଲାରେ ଆନ୍ତଃରାଜ୍ୟ ଗୋରୁ ଚୋରା ଚାଲାଣ ର୍ୟାକେଟ୍ ସକ୍ରିୟ ହୋଇପଡ଼ିଥିବା ବେଳେ ପୁଲିସ ପ୍ରଶାସନର ନିଷ୍କ୍ରିୟତା ଏମାନଙ୍କୁ ଖୁବ୍ ସୁହାଉଛି । ଫଳରେ ଜିଲ୍ଲାରେ ଗୋ-ସୁରକ୍ଷା ଆଇନ ସମ୍ପୂର୍ଣ୍ଣ ବପର୍ଯ୍ୟସ୍ତ ହୋଇପଡ଼ିଥିବା ମଧ୍ୟ ଦେଖିବାକୁ ମିଳୁଛି । ବିଶେଷକରି ଚୋରା ଗୋରୁ ବେପାରୀମାନେ କମ୍ ଦରରେ ଗୋରୁ କିଣିବା ପରେ ୧୬ ନମ୍ବର ଜାତୀୟ ରାଜପଥ ଦେଇ କିଛି ବାଟ ଚଲେଇ ଚଲେଇ ନେବା ପରେ ରାତି ଅଧିଆ ଓ ଜଙ୍ଗଲ ମଧ୍ୟରେ କଣ୍ଟେନରରେ ବୋଝେଇ କରି ବାହାର ଜିଲ୍ଲାକୁ ଚାଲାଣ କରୁଛନ୍ତି । ତେଣୁ ପୁଲିସ ପକ୍ଷରୁ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସାଧାରଣରେ ଦାବି ହେଉଛି ।

କିଡ୍‌ନୀ ରୋଗରେ ପୀଡ଼ିତ ଯୁବକ

# ଆର୍ଥିକ ସହାୟତା ପାଇଁ ନିବେଦନ

**ଗଞ୍ଜାମ,୧୯ ।୬(ସମିସ):** ଗଞ୍ଜାମ ବ୍ଲକର ପୋଇରାସି ପଞ୍ଚାୟତ ଅନ୍ତର୍ଗତ ତାରିଣୀପଲ୍ଲୀ ଗ୍ରାମର ମେଧାବୀ ଛାତ୍ର ତଥା ଜଣାଶୁଣା ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଗୌଡ଼ଙ୍କ ଚିକିତ୍ସା ନିମନ୍ତେ ଆର୍ଥିକ ସହଯୋଗର ନିତାନ୍ତ ଜରୁରୀ ହୋଇପଡିଛି । ଶ୍ରୀ ଗୌଡ଼ ବେସରକାରୀ ବିଦ୍ୟାଳୟରେ ଶିକ୍ଷକତା କରି ପରିବାର ଚଳେଇ ଆସୁଥିଲେ । କିନ୍ତୁ ଦୁର୍ଭାଗ୍ୟର ବିଷୟ ତାଙ୍କର ଦୁଇଟି ଯାକ କିଡନୀ ନଷ୍ଟ ହୋଇଯାଇଛି । ଯାହାକୁନେଇ ବିଶାଖାପାଟଣା ସ୍ଥିତ ପିନକ୍ଲି ଚିକିତ୍ସାଳୟରେ ଗତ କିଛି ମାସ ହେଲା ତାଙ୍କର ଚିକିତ୍ସା ଚାଲିଛି । ବର୍ତ୍ତମାନ କିଡନୀ ପ୍ରତ୍ୟାରୋପଣ ଜରୁରୀ ହୋଇପଡିଛି । କିନ୍ତୁ ପ୍ରତ୍ୟାରୋପଣ ପାଇଁ ବହୁତ ଟଙ୍କାର ଆବଶ୍ୟକ ରହିଛି । ତେଣୁ ଗୌଡ଼ଙ୍କ ଚିକିତ୍ସା ପାଇଁ ଆର୍ଥିକ ସହାୟତା ବ୍ୟାଙ୍କ୍ ନମ୍ବର୍ ୩୧୫୭୦୯ ୯୨୧୫୨ ଷ୍ଟେଟ୍ ବ୍ୟାଙ୍କ୍ କିମ୍ବା ଫୋନ୍‌ପେ ନମ୍ବର୍ ୬୩୭୦୩୮ ୧୦୫୦ ରେ ଯୋଗାଇ ଦେବାକୁ ନିବେଦନ କରାଯାଇଛି । ସେ ଗଞ୍ଜାମର ଅଗ୍ରଣୀ ସେଚ୍ଛାସେବୀ ଅନୁଷ୍ଠାନ ୟୁଥ ଫର ଭିଲେଜର ପୂର୍ବତନ ସଭାପତି ରହିଥିଲେ । ଉକ୍ତ ଅନୁଷ୍ଠାନରେ ରହି ସେ ସମାଜସେବା କରି ଆସୁଥିଲେ । ତାଙ୍କର ଏପରି ଦୁର୍ଦ୍ଦିନ ସମୟରେ ସହୃଦୟ ବ୍ୟକ୍ତି ମାନେ ତାଙ୍କୁ ସହଯୋଗର ହାତ ବଢ଼ାଇବାକୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ କୁହାଯାଇଛି ।



# ଧରାକୋଟରେ ଖୋଲିଲା ସରକାରୀ ଡିଗ୍ରୀ କଲେଜ

**ଧରାକୋଟ,୧୯ ।୬(ସମିସ):** ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ଗଞ୍ଜାମ ଜିଲ୍ଲାର ଧରାକୋଟ ଠାରେ ସରକାରୀ ଡିଗ୍ରୀ କଲେଜ ଖୋଲିବ ପାଇଁ ଅନୁମୋଦନ ଦେବା ପରେ ଏଥିପାଇଁ ଆବଶ୍ୟକୀୟ ପ୍ରକ୍ରିୟା ଆରମ୍ଭ ହୋଇଛି । ଧରାକୋଟ ସରକାରୀ ଡିଗ୍ରୀ କଲେଜ ଚଳିତ ଶିକ୍ଷା ବର୍ଷ ଠାରୁ ଆରମ୍ଭ ହେବାକୁ ଯାଉଥିବା ବେଳେ ଏଥି ପାଇଁ ଶିକ୍ଷାରେ ୩୨, ରାଜନୀତି ବିଜ୍ଞାନରେ ୩୨ ଓ ଇତିହାସ ବିଭାଗ ପାଇଁ ୩୨କୁ ମିଶାଇ ମୋଟ ୯୬ ସିଟ ମଞ୍ଜୁର ପାଇଛି । ନାମଲେଖା ପାଇଁ ଗତ୧୭ ତାରିଖ ଶେଷ ଦିବସ ରହିଥିବାବେଳେ ଆସନ୍ତା ମାସ ୧ ତାରିଖରୁ ପାଠ ପଢ଼ା ଆରମ୍ଭ ହେବ । ଧରାକୋଟ ଗଡର ବନ୍ଦ ହୋଇଯାଇଥିବା କୃଷ୍ଣ ସିଂହ ବାଳିକା ଉଚ୍ଚ ବିଦ୍ୟାଳୟରେ ପାଠ ପଢ଼ା ଆରମ୍ଭ ହେବାକୁ ଯାଉଥିବାବେଳେ ସରକାରୀ ଡିଗ୍ରୀ



କଲେଜ ପାଇଁ ଅଧାପକ ଓ ଅନ୍ୟାନ୍ୟ କର୍ମଚାରୀ ନିଯୁକ୍ତି ପାଇଛନ୍ତି । ବହୁଦିନର ଦାବି ପରେ ରାଜ୍ୟ ସରକାର ଧରାକୋଟରେ ସରକାରୀ ଡିଗ୍ରୀ କଲେଜ ଖୋଲିଥିବା ଯୋଗୁଁ ଅଞ୍ଚଳବାସୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଓ ଉଚ୍ଚଶିକ୍ଷା ମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି । ରାଜ୍ୟ ସରକାରଙ୍କ ଏହି ପଦକ୍ଷେପକୁ ଧରାକୋଟ ପ୍ରେସ କ୍ଲବ ତରଫରୁ ସାମ୍ବାଦିକ ହୃଦାନନ୍ଦ ଜେନା, ବିଷ୍ଣୁକେଶରୀ ଆଚାର୍ଯ୍ୟ, ରୁଦ୍ର ନାରାୟଣ ପଣ୍ଡା, ପୂର୍ଣ୍ଣଚନ୍ଦ୍ର ନାୟକ, ଶିଶିର ମହାନ୍ତି, ରବି ନନ୍ଦନ ପ୍ରଧାନ, ଗିରିଜା ପ୍ରସାଦ ରଥ, ଅଶେଷ ପାତ୍ର, ବଳରାମ ସାହୁ ପ୍ରମୁଖ ସରକାରଙ୍କ ଏହି ପଦକ୍ଷେପକୁ ସ୍ୱାଗତ କରିଛନ୍ତି ।

# ଅବସରପ୍ରାପ୍ତ ଶିକ୍ଷକଙ୍କ ବିୟୋଗ

**ଶେରଗଡ଼,୧୯ ।୬(ସମିସ):** ଶେରଗଡ ବ୍ଲକ ଅଧୀନସ୍ଥ ବାରଷିଙ୍ଗି ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ କୀର୍ତ୍ତନ ସାହୁଙ୍କ ଦେହାନ୍ତ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ୯୧ ବର୍ଷ ହୋଇଥିଲା । ଶ୍ରୀ ସାହୁ ଅବସର ପରେ ନିଜର ପୈତୃକ ଗ୍ରାମ ବାରସିଙ୍ଗିରେ ଶେଷ ପର୍ଯ୍ୟନ୍ତ ରହିଥିଲେ । ସେ କିଛି ଦିନ ହେବ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ଥିଲେ । ମଙ୍ଗଳବାର ସନ୍ଧ୍ୟାରେ ତାଙ୍କର ନିଜସ୍ୱ ବାସଭବନରେ ପରଲୋକ ଘଟିଛି । ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଦଳମତ ନିର୍ବିଶେଷରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ଗ୍ରାମବାସୀ ଶେଷଦର୍ଶନ କରିବା ସହିତ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ । ଶ୍ରୀ ସାହୁଙ୍କ ମରଶରୀରକୁ ପୁରୀସ୍ଥିତ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରାଯାଇଥିଲା । ମୃତ୍ୟୁ ଶଯ୍ୟା ନିକଟରେ ପୁତ୍ର ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦୟାନିଧି ସାହୁ, ନାତି ଦେବାଶିଷ ସାହୁ, ବୋହୂ, ନାତି ନାତୁଣୀ, ଝିଅ, ଜ୍ୱାଇଁଙ୍କ ସହ ପରିବାର ସ୍ୱଜନ ଉପସ୍ଥିତ ଥିଲେ ।



# ମୋବାଇଲ ଓ ଟଙ୍କା ଚୋରି ଅଭିଯୋଗ

**ହୁମ୍ମା,୧୯ ।୬(ସମିସ):** ରମ୍ଭା ଥାନା ଇଲାକା ପାଲୁରଗଡ଼ର ସନ୍ତୋଷ କୁମାର ପ୍ରଧାନଙ୍କ ଘରୁ ମୋବାଇଲ ଓ ନଗଦ ୫୨୦୦ ଟଙ୍କା ଚୋରି ହୋଇଥିବା ଅଭିଯୋଗ ହୋଇଛି । ଗତ ସୋମବାର ରାତିରେ ଅତ୍ୟଧିକ ଗରମ ଯୋଗୁଁ ସନ୍ତୋଷ ଓ ତାଙ୍କ ପରିବାର କବାଟ ଖୋଲି ଶୋଇଥିଲେ । କିଛି ଅଜଣା ଦୁର୍ବୃତ୍ତ ଏହାର ଫାଇଦା ନେଇ ସନ୍ତୋଷଙ୍କ ମୋବାଇଲ ଓ ନଗଦ ୫୨୦୦ ଟଙ୍କା ଚୋରି କରିନେଇଥିଲେ । ବହୁତ ଖୋଜାଖୋଜି କରିବା ପରେ ରମ୍ଭା ଥାନାରେ ଲିଖିତ ଅଭିଯୋଗ ଦେଇଛନ୍ତି ସନ୍ତୋଷ । ରମ୍ଭା ପୁଲିସ କେସନଂ ୩୮୯/୨୪ ମାମଲା ରୁଜୁ କରିଥିବା ବେଳେ ଏଏସଆଇ ଛବିରାଣୀ ନାୟକ ତଦନ୍ତ କରୁଥିବା ଜଣାପଡିଛି । ସେପଟେ ସାବୁଲିଆ ଗ୍ରାମର କିରଣ ଓ ଗଣେଶ ବେହେରା ଦୁଇ ସାଙ୍ଗ ଛାତ ଉପରେ ଶୋଇଥିବା ସମୟରେ ଅଜଣା ଦୁବୃର୍ତ୍ତମାନେ ଅଭିଯୋଗକାରୀଙ୍କ ମୁଣ୍ଡ ଉପରେ ରଖିଥିବା ଇନଫିନିକ୍ସ ଓ ଆଇଟେଲ ମୋବାଇଲକୁ ଚୋରି କରି ନେଇଯାଇଥିବା ରମ୍ଭା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି କିରଣ । ରମ୍ଭା ଥାନା ପୋଲିସ କେସନଂ ୩୯୪/୨୪ ମାମଲା ରୁଜୁ କରି ତଦନ୍ତ କରୁଛି ।

# ରକ୍ତହୀନତା ନିରାକରଣ ସଚେତନତା



**ଆସିକା,୧୯ ।୬(ସମିସ):** ବୁଧବାର ଦିନ ବାଲିଶିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ଲକସ୍ତରୀୟ ରକ୍ତ ଶିକୁଳି ରୋଗ ନିରାକରଣ ସଚେତନତା ବିପିଏମ ସାଗରିକା ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି । ଆସିକା ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରର ଉପଖଣ୍ଡ ସ୍ୱାସ୍ଥ୍ୟ ଅଧିକାରୀ ବାଲ ଗୋପାଳ ବେହେରାଙ୍କ ପୌରହିତ୍ୟରେ ଅନୁଷ୍ଠିତ ବୈଠକରେ ଡାକ୍ତର ଏ ଲକ୍ଷ୍ମୀ ଦେବୀ, ଏବିଇଓ ବିଭୁ ନନ୍ଦନ ପଣ୍ଡା, ଡବ୍ଲୁଇଓ ଅରବିନ୍ଦ ସ୍ୱାଧୀନ ଆଇସିଡିଏସ ସୁପରଭାଇଜର ସବିତା ସାବତ, ପିଏଚଇଓ କୁବେର ପାତ୍ର ଅତିଥି ରୂପେ ମଞ୍ଚାସିନ ଥିଲେ । ଏହି ଅବସରରେ ଆସିକା ବ୍ଲକରେ କାର୍ଯ୍ୟରତ ସିଏଚଓ, ସ୍ୱାସ୍ଥ୍ୟକର୍ମୀ, ଆଶାକର୍ମୀ, ଅଙ୍ଗନବାଡି କର୍ମୀ ଏସ ଏଚ ଜି ସଦସ୍ୟମାନଙ୍କୁ ସଚେତନ କରିଛନ୍ତି । କାର୍ଯ୍ୟକ୍ରମରେ ବିଏଏମ ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ବିଡିଏମ ସରୋଜ କୁମାର ପାଢୀ ସହଯୋଗ କରିଥିଲେ ।

# ପରିବା ଦର ଆକାଶଛୁଆଁ

**କୁକୁଡାଖଣ୍ଡି,୧୯ ।୬(ସମିସ):** ମୌସୁମୀ ଆସି ନଥିବା ବେଳେ ପରିବା ଦର ଆକାଶ ଛୁଆଁ ହୋଇଛି । ସବୁ ପନିପରିବା ଦର ପ୍ରାୟ ୫୦ ଟଙ୍କା କିମ୍ବା ତାଠାରୁ ଉର୍ଦ୍ଧ ଥିବା ଦେଖାଦେଇଛି । ସପ୍ତାହ ହେଲା ପିଆଜଦର ୪୫ ରୁ ୫୦ ଟଙ୍କାରେ ବିକ୍ରି ହେଉଛି । ନାସିକ ରୁ ପିଆଜ ଆସିବା ବେଳେ ୪ରୁ ୫ ଦିନ ଲାଗୁଛି । ଗରମ ଯୋଗୁଁ ପିଆଜ ପ୍ରାୟ ନଷ୍ଟ ହୋଇଯାଉଛି । ଏଥିପାଇଁ ପିଆଜ ଦର ଅଧିକ ରହୁଛି ବୋଲି କହୁଛନ୍ତି ବ୍ୟବସାୟୀ । ପରିବହନ ଯୋଗୁଁ ବିଭିନ୍ନ ସ୍ଥାନରେ ବିଭିନ୍ନ ପ୍ରକାର ଦର ରହୁଛି । ସେହିପରି ଆଳୁ ୩୦ରୁ ୩୫, ବୋଇତାଳୁ ୫୦, ଟମାଟ ୭୦ରୁ ୮୦, ପୋଟଳ ୮୦, ବିନିସ ୭୦ରୁ ୮୦ ବାଇଗଣ ୪୦ରୁ ୫୦ ଟଙ୍କା ରହୁଥିବା ଦେଖିବାକୁ ମିଳିଛି । ଅହେତୁକ ବୃଦ୍ଧିକୁ ରୋକିବା ନିମନ୍ତେ ପ୍ରଶାସନ ଦୃଷ୍ଟି ଦେବା ନିମନ୍ତେ ସାଧାରଣ ଖାଉଟି ଦାବି କରିଛନ୍ତି ।

ବିପର୍ଯ୍ୟୟ ମୁକାବିଲା ଲାଗି ପ୍ରସ୍ତୁତି

# ଜିଲ୍ଲାର ୧୧୦ ସ୍ଥାନରେ ସାମୂହିକ ଅଭ୍ୟାସ

**ଛତ୍ରପୁର,୧୯ ।୬(ସମିସ)**





ବିପର୍ଯ୍ୟୟର ପୂର୍ବ ପ୍ରସ୍ତୁତି, ବିପର୍ଯ୍ୟୟ ସମୟର ପ୍ରସ୍ତୁତି ଏବଂ ବିପର୍ଯ୍ୟୟ ପର ପ୍ରସ୍ତୁତିକୁ ନେଇ ବୁଧବାର ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ସଂସ୍ଥା ଦ୍ୱାରା ଜିଲ୍ଲାର ଥିବା ୧୧୦ଟି ବାତ୍ୟା / ବନ୍ୟା ଆଶ୍ରୟ ସ୍ଥଳ ଠାରେ ସାମୂହିକ ଅଭ୍ୟାସ(ମକ୍ ଡ୍ରିଲ) କରାଯାଇଛି । ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା କ୍ଷେତ୍ରରେ ଆମେ କେତେ ପ୍ରସ୍ତୁତ ରହିଛୁ ସେ ସଂକ୍ରାନ୍ତରେ ଆଜି ଜିଲ୍ଲାର ବିଭିନ୍ନ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀ ଗୁଡିକରେ ମକ୍‌ଡ୍ରିଲ୍ ଅନୁଷ୍ଠିତର ମୁଖ୍ୟ ଲକ୍ଷ୍ୟ । ଏହାକୁ ନିରୀକ୍ଷଣ କରିବା ସକାଶେ ରାଜ୍ୟସ୍ତରରୁ ନିଯୁକ୍ତି ଥିବା ପର୍ଯ୍ୟବେକ୍ଷକ ତଥା ୟୁନିସେଫ କନସଲଟାଣ୍ଟ ସୁମନ୍ତ ମୁଖାର୍ଜୀ ବିଭିନ୍ନ ଆଶ୍ରୟ ସ୍ଥଳ ବୁଲି ତଦାରଖ କରିବା ସହିତ ଏ ସଂକ୍ରାନ୍ତରେ ସଚେତନ କରିଥିଲେ । କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ତଥା ଜିଲ୍ଲା ଜରୁରୀ କାଳିନ ଅଧିକାରୀ ଆୟୁସି ପତି, ଓସଡମାର ଜିଲ୍ଲା ପ୍ରକଳ୍ପ ଅଧିକାରୀ ଦେବେନ୍ଦ୍ର ନାୟକଙ୍କ ସମେତ ଅଧିକାରୀ ମାନେ ସାମିଲ ଥିଲେ । ଏହି କାର୍ଯ୍ୟକ୍ରମ ଛତ୍ରପୁର ବ୍ଲକର ୧୧ଟି ବାତ୍ୟା / ବନ୍ୟା ଆଶ୍ରୟସ୍ଥଳ ଠାରେ ବିଡିଓ ସୁଶାନ୍ତ କୁମାର ବରାଳଙ୍କ ତତ୍ତ୍ୱାବଧାନରେ ସାମୂହିକ ଅଭ୍ୟାସ (ମକଡ୍ରିଲ) ଅନୁଷ୍ଠିତ ହୋଇଥିଲା । ସେହିପରି କଣମଣା ବାତ୍ୟା ଅଶ୍ରୟ ସ୍ଥଳ ଠାରେ ଅଗ୍ନିଶମ ଅଧିକାରୀ ଧନଞ୍ଜୟ ମଲ୍ଲିକଙ୍କ ନେତୃତ୍ୱରେ ଅଗ୍ନିଶମ କର୍ମଚାରୀ ମାନେ ବିପର୍ଯ୍ୟୟକୁ କିପରି ମୁକାବିଲା କରାଯିବ ଓ ଧନ ଜୀବନକୁ ସୁରକ୍ଷା କରାଯାଇପାରିବ ସେନେଇ ମକଡ୍ରିଲ କରିଥିଲେ । ଏହି ଅବସରରେ ଛତ୍ରପୁର ବିଡିଓ ସୁଶାନ୍ତ କୁମାର ବରାଳ, ଛତ୍ରପୁର ଅତିରିକ୍ତ ତହସିଲଦାର ସ୍ମୃତି ଶୁଭଦର୍ଶନୀ ସାହୁ, କଣମଣା ସରପଞ୍ଚ ବି. ଦମୟନ୍ତି ପାତ୍ର, ଶ୍ରୀରାମଚନ୍ଦ୍ରପୁର ସମିତିସଭ୍ୟ ଏସ୍. ଚକ୍ରପାଣି ରେଡ୍ଡୀ, କଣମଣା ବାତ୍ୟା ଆଶ୍ରୟସ୍ଥଳୀର ସମ୍ପାଦକ ଚନ୍ଦନ ବେହେରା, ପିଇଓ ସନ୍ତୋଷ କୁମାର ବେହେରା, କଣମଣା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ଅଜିତ କୁମାର ସେଠୀଙ୍କ ସମେତ ଏମବିକେ, ସିଆରପି, ଅଙ୍ଗନବାଡ଼ି, ଆଶା, ପଞ୍ଚାୟତର ବହୁ ଜନସାଧାରଣ ଓ ସ୍ୱୟଂ ସିଦ୍ଧାର ସଦସ୍ୟା ମାନେ ଉପସ୍ଥିତ ଥିଲେ ।

# ତ୍ରୟବାର୍ଷିକ ଠାକୁରାଣୀ ଯାତ୍ରା ଉଦ୍‌ଯାପିତ

**ଶେରଗଡ଼,୧୯ ।୬(ସମିସ):** ଶେରଗଡ ସହରର ଇଷ୍ଟଦେବୀ ମା'ଶୀତଳା ଓ ମା'ରାମଚଣ୍ଡୀଙ୍କ ତ୍ରୟବାର୍ଷିକ ଯାତ୍ରା ଗତ ୧୪ ତାରିଖରୁ ଆରମ୍ଭ ହୋଇ ୫ ଦିନ ଚାଲିବା ପରେ ମଙ୍ଗଳବାର ଉଦଯାପିତ ହୋଇଯାଇଛି । ଯାତ୍ରା ସକାଶେ ଗ୍ରାମର ସମସ୍ତ ସାହି, ବସ୍ତିରେ ସୁଉଚ୍ଚ ତୋରଣ, ରଙ୍ଗ ବେରଙ୍ଗର ବାନାମାଳ ସହ ଆଲୋକମାଳାରେ ଝଲସି ଉଠୁଥିଲା । ମେ ୧୭ ତାରିଖରେ ଶୁଭସ୍ତମ୍ଭ ସ୍ଥାପନ ପରେ ଚଳିତ ମାସ ୧୪ ତାରିଖ ଦିନ ମା'ଙ୍କ ଘଟକୁ ମନ୍ଦିରରୁ ବିଭିନ୍ନ ପ୍ରକାର ବାଦ୍ୟ ବାଦଣା ସହ ବିଶାଳ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ଅଣାଯାଇଥିଲା । ପ୍ରତ୍ୟେକ ଦିନ ସକାଳୁ ମାନସିକଧାରୀ ଭକ୍ତମାନେ କୃଷ୍ଣ, ବଳରାମ, ରାମ, ସୀତା, ହନୁମାନ, ବାଘ ବାଘୁଣୀ, ଖଟ ବିଦ୍ୟା ସମେତ ବିଭିନ୍ନ ବେଶ ପରିଧାନ ପୂର୍ବକ ନିଜକୁ ସୁସଜ୍ଜିତ କରି ଗ୍ରାମ ପରିକ୍ରମା କରିଥିଲେ । ଏଭଳି ବେଶ ଯାତ୍ରାରେ ବେଶ ରୋମାଞ୍ଚକର ହୋଇଥିଲା । ସ୍ଥାନୀୟ ସହର ସମେତ ଆଖପାଖ ଅଞ୍ଚଳର ବହୁ ଭକ୍ତଙ୍କ ଦର୍ଶନ ଏବଂ ଯାତ୍ରା ପ୍ରେମୀଙ୍କ ସକାଳୁ ମଧ୍ୟ ରାତ୍ରି ପର୍ଯ୍ୟନ୍ତ ଭିଡ ଲାଗି ରହୁଥିଲା । ବିଶେଷ ଭାବେ ସନ୍ଧ୍ୟା ପରଠାରୁ ସହରର ବିଭିନ୍ନ ସାହି ବସ୍ତିରେ ସ୍ଥାପନ କରାଯାଇଥିବା ଆକର୍ଷଣୀୟ କଳାକୁଞ୍ଜ ଦେଖିବା ଲାଗି ପ୍ରବଳ ଜନସମାଗମ ହେଉଥିଲା । ସହରର ବିଭିନ୍ନ ସାହିରେ ଯୁବକ ଓ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ବିଭିନ୍ନ ପ୍ରକାରର ପାନୀୟ ବଣ୍ଟନ କରାଯାଇଥିଲା । ଏହି ଅବସରରେ ଯାତ୍ରା କମିଟି ପକ୍ଷରୁ ବିଭିନ୍ନ ପୌରାଣିକ ନାଟକ ପରିବେଷଣ ହେଉଥିଲା । ଯାତ୍ରା ସକାଶେ ବିଭିନ୍ନ ରକମର ଖେଳଣା, ବାରମଜା, ଘର ସାଜସଜ୍ଜା ଉପକରଣ ପ୍ରମୁଖ ସାମଗ୍ରୀର ଅସ୍ଥାୟୀ ଦୋକାନ, ବଜାର ଗଢି ଉଠିଥିଲା । ଶାନ୍ତି ଶୃଙ୍ଖଳା ରକ୍ଷା ଲାଗି ଶେରଗଡ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା । ମଙ୍ଗଳବାର ରାତିରେ ଦୁଇ ଦେବୀଙ୍କୁ ଗ୍ରାମ ପରିକ୍ରମା ପରେ ସ୍ଥାୟୀ ମନ୍ଦିରକୁ ବିଜେ କରାଯାଇଥିଲା ।



# ଜଙ୍ଗଲରୁ ୧୧ କ୍ୱିଣ୍ଟାଲ୍ ଗଞ୍ଜେଇ ଜବତ





**ଫିରିଙ୍ଗିଆ, ୧୯।୬(ସମିସ)**

କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଅଞ୍ଚଳରେ କିଛିଦିନ ହେଲା ଗଞ୍ଜେଇ କାରବାର ବୃଦ୍ଧି ପାଇଥିବା ବେଳେ ପୁଲିସ ମଧ୍ୟ ଏହି ଗଞ୍ଜେଇ ମାଫିଆ ମାନଙ୍କୁ ଧରିବାରେ ପ୍ରୟାସ ଜାରି ରଖିଛି। ୬ ମାସ ଧରି ପୁଲିସ ଓ ଅବକାରୀ ବିଭାଗ ଅଞ୍ଚଳରୁ କୋଟି କୋଟି ଟଙ୍କାର ଗଞ୍ଜେଇ ଗଛ କାଟି ନଷ୍ଟ କରିଥିଲେ ହେଁ ରୀତିମତ ଭାବରେ ଏହି ଅଞ୍ଚଳରୁ ଗଞ୍ଜେଇ ଚାଲାଣ ହେଉଛି। ଫିରିଙ୍ଗିଆ ଥାନା ଅଧିକାରୀ ଗୋପୀନାଥ ପ୍ରଧାନ ଙ୍କ ନିର୍ଦ୍ଦେଶ କ୍ରମେ ଥାନାରେ କାର୍ଯ୍ୟରତ ଏସାଇ ଅଜୟ ସାହୁ, ଏସଏଇ ଦୀପକ କୁମାର ରାଉତ ଓ ଏଏସଏଇ ପ୍ରମୋଦ କୁମାର ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ ଫିରିଙ୍ଗିଆ ଥାନା ପବିଙ୍ଗିଆ ପଞ୍ଚାୟତ ଅଧୀନରେ ଥିବା ଗୁଣା ଏଜୁ ଓ ଗାଁ ନିକଟବର୍ତ୍ତୀ ଜଙ୍ଗଲରେ ଅତର୍କିତ ଚଢ଼ଉ କରିଥିଲେ। ପୁଲିସର ଗଞ୍ଜେଇ ଜବତ ଭୟରେ ଚାଲାଣ ପାଇଁ ପ୍ରସ୍ତୁତ କରାଯାଇ ଲୁଚାଯାଇଥିବା ୨ କୁଇଣ୍ଟାଲ ୫ କିଲୋ ଗଞ୍ଜେଇକୁ ଜବତ କରାଯାଇଥିବା ସୂଚନା ମିଳିଛି। ଏସମ୍ପର୍କରେ ପୁଲିସ କାହାକୁ ଗିରଫ କରି ନ ଥିବା ବେଳେ ଘଟଣାକୁ ନେଇ ଏକ ମାମଲା ରୁଜ କରିଛି। ଫିରିଙ୍ଗିଆ ଥାନା ଅଧିକାରୀ ଗୋପୀନାଥ ପ୍ରଧାନ ଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଥାନା ଅଧିକାରୀ ଅଜୟ କୁମାର ସାହୁଙ୍କ ନେତୃତ୍ୱରେ ଏଏସଏଇ ଶ୍ରୀକାନ୍ତ ପାତ୍ର ସହ ଏକ ଟିମ ପାଟ୍ରୋଲିଂ କରୁଥିବା ସମୟରେ ଫିରିଙ୍ଗିଆ ଥାନା ବନ୍ଧଗଡ଼ ପଞ୍ଚାୟତର ତେଲିମୁଣ୍ଡା ଛକ ନିକଟରେ ଏକ କାରକୁ ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ସେଥିରୁ ତେଇଶି କିଲୋ ଦୁଇଶହ ଗ୍ରାମ ଗଞ୍ଜେଇ ବାହାରିଥିଲା। କାର ସାରଙ୍ଗଗଡ଼ରୁ ଫିରିଙ୍ଗିଆ ଆଡ଼କୁ ଆସୁଥିଲା। ଗିରଫ ମାଫିଆ ଜଣକ ସାରଙ୍ଗଗଡ଼ ଥାନା କପୁଗୁଡ଼ା ଗାଁର ଚିନ୍ତାମଣି ଦଣ୍ଡିଆ ବୋଲି ଜଣାପଡ଼ିଛି। ପୁଲିସ ଏସମ୍ପର୍କରେ ଏକ ମାମଲା ଦାୟର କରିଛି।



**ମୋହନା, ୧୯।୬(ସମିସ):** ଗଜପତି ଜିଲ୍ଲା ଅଡବା ଥାନା ଆରୁମପେଟା ଜଙ୍ଗଲରେ ଚଢଉ କରି ୯ କ୍ୱିଣ୍ଟାଲ ଗଞ୍ଜେଇ ଜବତ କରିଛି ପୁଲିସ। ତେବେ ଏହି ଗଞ୍ଜେଇ ଚାଲାଣରେ ସମ୍ପୃକ୍ତ ମାଫିଆ ୟ ଘଟଣା ସ୍ଥଳରୁ ଚମ୍ପଟ ମାରିଛନ୍ତି। ଖୁବଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ଅଡବା ଥାନା ଅଧିକାରୀ ଶୁଭ୍ରାନ୍ତ ପଣ୍ଡା କହିଛନ୍ତି। ଗଜପତି ଏସପି ସ୍ୱାତୀ ଏସ କୁମାରଙ୍କ ନିର୍ଦ୍ଦେଶ କ୍ରମେ ବୁଧବାର ଅପରାହ୍ନରେ ଅଡବା ଥାନା ଏସଆଇ ପି.ପାଲାକା ଓ ଟିମ ଖାରିଗୁଡା ପଞ୍ଚାୟତର ଆରୁମପେଟା ଜଙ୍ଗଲରେ ଚଢଉ କରିଥିଲେ। ଜଙ୍ଗଲର ଗୋଟିଏ ସ୍ଥାନରେ ବିପୁଳ ପରିମାଣର ଗଞ୍ଜେଇ ରଖାଯାଇଥିବା ଖବର ପାଇ ଚଢଉ କରାଯାଇଥିଲା। ଚଢଉ ବେଳେ ମାଫିଆ ଗଞ୍ଜେଇ ଛାଡ଼ି ଘଟଣା ସ୍ଥଳରୁ ଚମ୍ପଟ୍ ମାରିଥିଲେ। ମୋହନା ତହସିଲଦାର ସତ୍ୟବାନ ନାୟକଙ୍କ ଉପସ୍ଥିତିରେ ଉକ୍ତ ଗଞ୍ଜେଇକୁ ଯାଞ୍ଚ କରଯାଇଥିଲା। ଯାଞ୍ଚ ପରେ ଏଥିରେ ୯ କ୍ୱିଣ୍ଟାଲ ୧୩ କିଲୋ ୮ ଶହ ଗ୍ରାମ ଗଞ୍ଜେଇ ଥିବା ଜଣାପଡ଼ିଥିଲା। ଏହି ଗଞ୍ଜେଇ ବାହାର ରାଜ୍ୟକୁ ଚୋରା ଚାଲାଣ ପାଇଁ ପ୍ରସ୍ତୁତ ହେଉଥିଲା ବୋଲି ତଦନ୍ତରୁ ଜଣାପଡ଼ିଥିବା ଥାନା ଅଧିକାରୀ କହିଛନ୍ତି।

## ଅସହାୟ ସ୍ଥିତିରେ ୯୦ ବର୍ଷ ବୟସ୍କା ବୃଦ୍ଧା ବୁଡ଼ି ଭୂୟାଁ

**ଗୁମ୍ମା, ୧୯।୬(ସମିସ):** ସରକାର ବୃଦ୍ଧବୃଦ୍ଧାଙ୍କୁ ପରିଣତ ବୟସରେ ଚଳିବା ପାଇଁ ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା ପ୍ରଦାନର ବ୍ୟବସ୍ଥା କରିଛନ୍ତି। ଗରିବ ଓ ଅସହାୟ ଅବସ୍ଥାରେ ରହୁଥିବା ବୟସ୍କ ବ୍ୟକ୍ତି ଏବଂ ବିଧବାଙ୍କୁ ମାସିକ ଭତ୍ତା ପ୍ରଦାନ କରୁଛନ୍ତି ସରକାର। ଜନ ସାଧାରଣଙ୍କ ପାଇଁ ହେଉଥିବା ଯୋଜନା ଗୁଡିକର ବାସ୍ତବ କାର୍ଯ୍ୟକାରିତା ସରକାରୀ ବାବୁ ମାନଙ୍କ ଉଦାସୀନତା ମନୋଭାବ ଯୋଗୁଁ କେଉଁ କେଉଁ ସ୍ଥାନରେ ବୟସର ନିର୍ଦ୍ଧାରିତ ସମୟ ସୀମା ପାର ହୋଇଥିଲେ ମଧ୍ୟ ଭତ୍ତା ପାଇବାରୁ ବଞ୍ଚିତ ହେଉଛନ୍ତି। ଏପରି ଏକ ଦୟନୀୟ ଦୃଶ୍ୟ ଦେଖିବାକୁ ମିଳିଛି ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ନାମନଗଡ଼ ପଞ୍ଚାୟତ ଲୁରୁ ଗ୍ରାମର ବୁଡ଼ି ଭୂୟାଁଙ୍କ କ୍ଷେତ୍ରରେ। ୬୦ ବର୍ଷ ପୂର୍ବେ ସ୍ୱାମୀ ଦାଦନ ଖଟିବାକୁ ଅରୁଣାଞ୍ଚଳ ପ୍ରଦେଶ ଯାଇଥିବା ବେଳେ ଗାଁକୁ ଫେରିବାର ନା ନାହିଁ। ଏକମାତ୍ର ଝିଅର ବାହାଘର ପରେ ଏକା ହୋଇ ମାଟିଝାଟି ଭଙ୍ଗାରୁଜା ଘରେ ଜୀବନ କାଟୁଛନ୍ତି ବୁଡ଼ି ଭୂୟାଁ। ତାଙ୍କର ନା ଅଛନ୍ତି ସମ୍ପର୍କିୟ ନା ମିଳୁଛି ସରକାରୀ ସହାୟତା। ୯୦ ବର୍ଷ ବୟସରେ ମଧ୍ୟ ବାର୍ଦ୍ଧକ୍ୟ ଭତ୍ତା ପାଇବାରୁ ବଞ୍ଚିତ, ଅନ୍ତଃଦୋୟ ଯୋଜନାରୁ ବଞ୍ଚିତ ଏବଂ ଘର ଖଣ୍ଡିଏ ତାଙ୍କ ପାଇଁ ସାତ ସପନ ପାଲଟିଛି। ପରିଣତ ବୟସରେ କେବଳ ୫ କିଲୋ ରାସନ ଚାଉଳ ହିଁ ଭରସା ହୋଇଛି। ୫ କିଲୋ ଚାଉଳ ପାଇଁ ୧୦କିମି ଦୂରରେ ଥିବା ପଞ୍ଚାୟତ କାର୍ଯ୍ୟାଳୟ ଯିବାକୁ ପଡୁଛି। ଗ୍ରାମବାସୀ ବୁଡ଼ି ଭୂୟାଁଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି କରିବା ସହ ସହୃଦୟ ବ୍ୟକ୍ତି ସାହାଯ୍ୟ କରିବା ପାଇଁ ନିବେଦନ କରିଛନ୍ତି। ଏନେଇ ବିଡ଼ିଓ ଆକାଶ କୁମାର ପଣ୍ଡା କହିଛନ୍ତି ଏପରି ଘଟଣା ସମ୍ପର୍କରେ ଅବଗତ ନ ଥିଲେ। ଯଥାସମ୍ଭବ ଭତ୍ତା ପ୍ରଦାନ କରାଯିବା ସହ ସମସ୍ତ ସରକାରୀ ସୁବିଧାରେ ବୁଡ଼ି ଭୂୟାଁଙ୍କୁ ସାମିଲ କରାଯିବ।



## ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି ବୈଠକ

**ଗୋଷାଣି, ୧୯।୬(ସମିସ):** ଗଜପତି ଜିଲ୍ଲା ଗୋଷାଣି ବ୍ଲକ କାର୍ଯ୍ୟାଳୟ ସଭା ଗୃହରେ ବ୍ଲକସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟିର ଟେବୁଲ୍ ଟପ୍ ଅଭ୍ୟାସର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୋଷାଣି ବ୍ଲକ ଅଧ୍ୟକ୍ଷ ଏନ୍.ବୀରରାଜୁ, ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପର୍ଯ୍ୟବେକ୍ଷକ ମେଘନାଦ ବେହେରା, ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ଅଧିକାରୀ ପ୍ରଦୋଷ କୁମାର ଶତପଥୀ, ଗୋଷାଣି ବିଡିଓ ଅଜୟ କୁମାର ପ୍ରଧାନ, ପାରଳାଖେମୁଣ୍ଡି ତହସିଲଦାର ନାରାୟଣ ବେହେରା ଓ ଗୋଷାଣି ବ୍ଲକର ସହରକାରୀ ନିର୍ବାହୀଯନ୍ତ୍ରୀ ସସ୍ମିତା ଜେନା ମଞ୍ଚାସୀନ ଥିଲେ। ଗଜପତି ଜିଲ୍ଲା ପ୍ରଶାସନ ସହ ବ୍ଲକ ପ୍ରଶାସନ ସବୁ ସମୟରେ ବିପର୍ଯ୍ୟୟର ମୁକାବିଲା କରି ଜନଜୀବନ ସୁରକ୍ଷା ଦେଇ ଆସୁଥିବା ସମ୍ପର୍କରେ କୁହାଯାଇଥିଲା। ବିପର୍ଯ୍ୟୟ କେତେବେଳେ ଆସିବ କେହି କହିପାରିବେ ନାହିଁ। କିନ୍ତୁ ପୂର୍ବ ସୂଚନା ପାଇବା ପରେ ଯଦି ସେଗୁଡିକର ପରିଚାଳନା ସଠିକ୍ କରିବା ତେବେ ବିପର୍ଯ୍ୟୟର ମୁକାବିଲା କରିପାରିବା ବୋଲି କୁହାଯାଇଥିଲା। ଯଦି ସଠିକ୍ ପ୍ରସ୍ତୁତି ଥିବ ଏବଂ ମୁକାବିଲା ଦିଗରେ ଆମେ ପୂର୍ବରୁ ପ୍ରଶିକ୍ଷଣ ନେଇଥିବା ତେବେ ବିପର୍ଯ୍ୟୟର ମୁକାବିଲା ସହଜସାଧ୍ୟ ହେବ ବୋଲି ମଞ୍ଚାସୀନ ଅତିଥି ବକ୍ତବ୍ୟ ରଖିଥିଲେ। ବ୍ଲକରେ ହେବାକୁ ଥିବା କାର୍ଯ୍ୟ ଖସଡା ସମ୍ପର୍କରେ ପ୍ରାଞ୍ଜଳ ଭାବେ ଅବଗତ କରାଯାଇଥିଲା। ଆଗକୁ ବର୍ଷା ଦିନ ରହିଛି। ସମ୍ଭାବ୍ୟ ବିପର୍ଯ୍ୟୟର ମୁକାବିଲା କରିବା ଦିଗରେ ରହିଥିବା ସମ୍ବଳ କିପରି ଉପଯୋଗ କରାଯାଇ ପାରିବ ସେ ସମ୍ପର୍କରେ ପ୍ରସ୍ତୁତି ଅଭ୍ୟାସ ବା ମକଡ୍ରିଲ କରିବା ଜରୁରୀ ବୋଲି କୁହାଯାଇଛି। ରହିଥିବା ମାନବ ସମ୍ବଳର ଉପଯୋଗ, ଗଚ୍ଛିତ ଥିବା ଯନ୍ତ୍ରାଂଶର ବ୍ୟବହାର, ଜନସାଧାରଣଙ୍କ ବହୁମୁଲ୍ୟ ଜୀବନ ଓ ପଶୁ ସମ୍ପଦର ସୁରକ୍ଷା ନିମନ୍ତେ ରହିଥିବା କୋଠାବାଡିର ଉପଯୋଗ ଇତ୍ୟାଦି କିଭଳି କରିବା ସେଗୁଡିକର ପ୍ରଶିକ୍ଷଣ ଦିଆଯିବ। ବନ୍ୟା, ବାତ୍ୟା, ବିଜୁଳି, ପାଣିରେ ବୁଡିଯିବା, ସାପ କାମୁଡିବା ଇତ୍ୟାଦି ବିପର୍ଯ୍ୟୟର ମୁକାବିଲା ସକାଶେ ପୂର୍ବ ପ୍ରସ୍ତୁତି ଅପରିହାର୍ଯ୍ୟ। ତେବେ ଯାଇ ଆମେ ସୁରକ୍ଷିତ ରହିବା ଏବଂ ଅନ୍ୟ ଜୀବନକୁ ମଧ୍ୟ ସୁରକ୍ଷା ଦେଇପାରିବା ବୋଲି କୁହାଯାଇଥିଲା। ବୈଠକରେ ଜିପିଇଓ ଅଶୋକ ପାତ୍ର, ବ୍ଲକ ଆକାଉଣ୍ଟେଣ୍ଟ ଗଜେନ୍ଦ୍ର ବେହେରା ଓ ସିଡିପିଓ ଗୌରୀ ନାୟକଙ୍କ ସହ ସମସ୍ତ ଲାଇନ୍ ବିଭାଗ, ବିଦ୍ୟୁତ ବିଭାଗର, ବନବିଭାଗ ଓ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ଅଧିକାରୀ, ସମସ୍ତ ଯନ୍ତ୍ରୀଙ୍କ ସମେତ ପିଇଓ ଓ ଏଡିଇଓ ଉପସ୍ଥିତ ଥିଲେ।



## ଖୋଲିଲା ସ୍କୁଲ, ବାଜିଲା ଘଣ୍ଟି

**ଦାରିଙ୍ଗବାଡ଼ି, ୧୯।୬(ସମିସ):** ଖୋଲିଲା ସ୍କୁଲ, ବାଜିଲା ଘଣ୍ଟି। ଗ୍ରୀଷ୍ମ ଅବକାଶ ସରିବା ପରେ ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳରେ ଆଜିଠୁ ସ୍କୁଲ ଖୋଲିଛି। ଏବେବି ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାରୁ ସକାଳ ୧୦ ପରିବର୍ତ୍ତେ ଅଧିକାଂଶ ସ୍କୁଲ ସକାଳୁଆ ଆରମ୍ଭ ହୋଇଛି। ଖରା ଛୁଟି ପରେ ସ୍କୁଲ ଖୋଲିବା ନେଇ ଉଭୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ଅନ୍ୟପଟେ ପିଲାଙ୍କର ପାଠପଢ଼ା ଯେଭଳି ସ୍ୱାଭାବିକ ହେବ ଏବଂ ୨୦୨୪-୨୫ ଶିକ୍ଷା ବର୍ଷ ଠିକ ଭାବରେ ପରିଚାଳିତ ହୋଇପାରିବ ସେନେଇ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦାୟିତ୍ୱ ନେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସଠିକ ଢାଞ୍ଚାରେ ଏକାଡେମିକ କ୍ୟାଲେଣ୍ଡର ପ୍ରସ୍ତୁତ ସହ ଚଳିତ ଶିକ୍ଷା ବର୍ଷ କିଭଳି ଭାବରେ ୨୦୨୫ ମାର୍ଚ୍ଚରେ ଶେଷ ହେବ ସେନେଇ ଯୋଜନା ପ୍ରସ୍ତୁତ କରାଯାଇଛି। ମଙ୍ଗଳବାର ପିଲାମାନେ ପ୍ରଥମ କରି ସକାଳୁ ୬ଟା ୪୫ରୁ ୧୦ଟା ୩୦ ପର୍ଯ୍ୟନ୍ତ ପାଠ ପଢ଼ିଛନ୍ତି। ଅସହ୍ୟ ଗୁଳୁଗୁଳିରେ ଯେଭଳି ପିଲାଙ୍କର କିଛି ଅସୁବିଧା ନ ହୁଏ ସେନେଇ ପଦକ୍ଷେପ ନିଆଯାଇଛି। ସ୍କୁଲରେ ପାଣି, କ୍ଲାସ ରୁମରେ ପଙ୍ଖା ବ୍ୟବସ୍ଥା ସହିତ ଅନ୍ୟାନ୍ୟ ସୁବିଧା ଯୋଗାଇ ଦିଆଯାଇଥିବା ଜଣାପଡ଼ିଛି।

## ରଥଯାତ୍ରାରେ ମୀନା ବଜାର ପାଇଁ ନିଲାମ ଇସ୍ତାହାର

**ପାରଳାଖେମୁଣ୍ଡି, ୧୯।୬ (ସମିସ):** ପାରଳାଖେମୁଣ୍ଡିରେ ଚଳିତ ବର୍ଷ ରଥଯାତ୍ରା ଉପଲକ୍ଷେ ଗୁଣ୍ଡିଚା ବାଡି ସମ୍ମୁଖରେ ଥିବା ପଡ଼ିଆରେ ମୀନା ବଜାର ଆୟୋଜନ ନିମନ୍ତେ ନିର୍ଦ୍ଧାରିତ ହୋଇଛି। ଏହି ମୀନା ବଜାର ପାଇଁ ନିଲାମ ଇସ୍ତାହାର ପ୍ରକାଶିତ ହୋଇଛି। ଯେ କୌଣସି ଇଚ୍ଛୁକ ବ୍ୟକ୍ତି ଆସନ୍ତା ୨୮ ତାରିଖ ୨.୦୦ଘଣ୍ଟା ସମୟ ମଧ୍ୟରେ ଟେଣ୍ଡର ପେପର ନିମନ୍ତେ ନିର୍ଦ୍ଧାରିତ ବାକ୍ସରେ ପକାଇବା ପାଇଁ ଆହ୍ୱାନ କରାଯାଇଛି। ସେହିପରି ସେହିଦିନ ହିଁ ଅପରାହ୍ନ ୪ ଘଣ୍ଟା ସମୟରେ ଟେଣ୍ଡର ପେପର କମିଟିର ସଭ୍ୟ ଏବଂ ନିଲାମଧାରୀଙ୍କ ଉପସ୍ଥିତିରେ ଟେଣ୍ଡର ପେପର ଖୋଲାଯିବ ବୋଲି ସୂଚନା ପ୍ରଦାନ କରାଯାଇଛି। ଟେଣ୍ଡରର ସର୍ବନିମ୍ନ ମୂଲ୍ୟ ୪୮ ଲକ୍ଷ ୪୦ ହଜାର ଟଙ୍କା ଧାର୍ଯ୍ୟ ହୋଇଥିବା ବେଳେ ଧାର୍ଯ୍ୟ ମୂଲ୍ୟରୁ କମ୍ ଦାମ ଉଲ୍ଲେଖ ଥିବା ଟେଣ୍ଡର ପେପର ବିଚାର ପାଇଁ ଗ୍ରହଣ କରାଯିବ ନାହିଁ ବୋଲି ରଥଯାତ୍ରାର ମୀନା ବଜାର କମିଟି ପକ୍ଷରୁ ହୋଇଥିବା ଏକ ବୈଠକରେ ନିଷ୍ପତ୍ତି ହୋଇଥିବାର ଜଣାପଡ଼ିଛି। ମୁଖ୍ୟତଃ ତିନୋଟି ରତଥ ଅବସ୍ଥାପିତ ନିମନ୍ତେ ଚିହ୍ନଟ ହୋଇଥିବା ଅଞ୍ଚଳ ମଧ୍ୟରେ ମୀନାବଜାର ପରିବେଷଣ ନିମନ୍ତେ ଅନୁମତି ଦିଆଯିବ ନାହିଁ ଏବଂ ଟିକଟ ମୂଲ୍ୟରେ ବ୍ୟତିକ୍ରମ ପରିଲକ୍ଷିତ ହେଲେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ସହ ଜୋରିମାନା ଆଦାୟ କରାଯିବ ବୋଲି ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ତଥା ରଥଯାତ୍ରା କମିଟିର ସମ୍ପାଦକ ଅନୁପ ପଣ୍ଡା କହିଛନ୍ତି।

## ହୃଦ୍‌ଘାତରେ ବ୍ୟାଙ୍କ ଶାଖା ପରିଚାଳକଙ୍କ ମୃତ୍ୟୁ

**ଜି.ଉଦୟଗିରି, ୧୯।୬(ସମିସ):** କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ଏନଏସି କଚେରୀ ସାହିର ଯଶୋବନ୍ତ ନାରାୟଣ ଦଳବେହେରା(୩୩) ଙ୍କ ହୃଦଘାତରେ ପରଲୋକ ହୋଇଛି। ସେ ସେଣ୍ଟ୍ରାଲ ବ୍ୟାଙ୍କ ଅଫ ଇଣ୍ଡିଆ, ନବରଙ୍ଗପୁର ଶାଖାରେ କାର୍ଯ୍ୟରତ ଥିଲେ। ମଙ୍ଗଳବାର ବ୍ୟାଙ୍କ ଶାଖାରେ ସେ କାର୍ଯ୍ୟରତ ଥିବା ସମୟରେ ହୃଦଘାତ ରେ ମୃତ୍ୟୁ ହୋଇଛି। ତାଙ୍କ ମରଶରୀର ବୁଧବାର ଜି.ଉଦୟଗିରିସ୍ଥିତ ନିଜ ବାସଭବନକୁ ଅଣାଯାଇ ଶେଷକୃତ୍ୟ କରାଯାଇଛି। ଏ ଖବର ଜଣାପଡ଼ିବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ବାପା ଭରତ ଭୂଷଣ ଦଳବେହେରା, ମାତାରୁକ୍ମଣୀ ଦଳବେହେରା ପତ୍ନୀ ଓ ୪ ମାସର ଏକ କନ୍ୟା ଅଛନ୍ତି।



# ବିଶ୍ୱ ରକ୍ତ ଶିକୁଳି ସଚେତନତା କାର୍ଯ୍ୟକ୍ରମ

**ପାରଳାଖେମୁଣ୍ଡି, ୧୯।୬(ସମିସ):** ପାରଳାଖେମୁଣ୍ଡିସ୍ଥିତ ମହିଳା ମହାବିଦ୍ୟାଳୟ ପରିସରରେ ରକ୍ତ ଶିକୁଳି ରକ୍ତହୀନତା ନିରାକରଣ ଦିବସ ଉପଲକ୍ଷେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ.ରୀନା ସାହୁ ଯୋଗଦେଇ ରକ୍ତ ଶିକୁଳି ରକ୍ତହୀନତା ବିଶେଷତଃ ଏକ ସଙ୍ଗୀନ ରୋଗ ବୋଲି କହିବା ସହ ଏହାର ନିରାକରଣ ପାଇଁ ଛାତ୍ରୀଙ୍କୁ ସଚେତନ କରିଥିଲେ। ଡ. ଭାରତୀ ପାଣିଗ୍ରାହୀ ପ୍ରାରମ୍ଭିକ ସୂଚନାରେ ରକ୍ତର ଉପଯୋଗୀତା ଏବଂ ରକ୍ତହୀନତା ଦୂରୀକରଣ କିପରି ହେବ ସେ ଉପରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ଭାବେ ମୁଖ୍ୟଚିକିତ୍ସାଳୟର ନେତ୍ରାନନ୍ଦ ଶତପଥୀ ଛାତ୍ରୀଙ୍କୁ ରକ୍ତହୀନତାର କାରଣ, ନିରାକରଣ, ଖାଦ୍ୟ ମଧ୍ୟରେ ସନ୍ତୁଳିତ ଆହାର ଗ୍ରହଣ ଏବଂ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ଆଇରନ୍ ବଟିକା ଓ କୃମି ଔଷଧ ବିତରଣର ଲାଭ ଉଠାଇବା ସହ ସୁସ୍ଥ ସ୍ୱାସ୍ଥ୍ୟ ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧ୍ୟାପକ, ଅଧ୍ୟାପିକାଙ୍କ ସମେତ କର୍ମଚାରୀ ଓ ବହୁ ସଂଖ୍ୟକ ଛାତ୍ରୀ ଉପସ୍ଥିତଥିଲେ। କାର୍ଯ୍ୟକ୍ରମ ଶେଷରେ ଏନ୍‌ଏସ୍‌ଏସ୍ ଅଧିକାରୀ ମଧୁସ୍ମିତା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।




**ରାଇକିଆ(ସମିସ):** କନ୍ଧମାଳ ଜିଲ୍ଲା ରାଇକିଆ ଜୀବନ ଜ୍ୟୋତି ମହାବିଦ୍ୟାଳୟରେ ବୁଧବାର ବିଶ୍ୱ ରକ୍ତ ଶିକୁଳି ଦିବସ ଅବସରରେ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। କଲେଜ ଅଧ୍ୟକ୍ଷ ପ୍ରଭାକର ରାଜୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ରାଇକିଆ ମେଡିକାଲ ଅଫିସର ଶ୍ରୀନିବାସ ପାତ୍ର, ଡା.ଆଶୀଷ ପ୍ରତିହାରୀ, ଶିବରାମ ପ୍ରଧାନ ଯୋଗ ଦେଇଥିଲେ। ବଂଶାନୁକ୍ରମିକ ଭାବରେ ବ୍ୟାପୁଥିବା ରକ୍ତ ଜନିତ ରୋଗ, ରକ୍ତ ହୀନତା, ରକ୍ତ ଶିକୁଳି କିପରି ହେଉଛି, ତଥା ତାର ପ୍ରତିକାର କିପରି କରାଯାଇପାରିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। 'କରିନେବା ଥରେ ରକ୍ତ ପରୀକ୍ଷା, ଆଗାମୀ ପିଢ଼ିକୁ ଦେବା ସୁରକ୍ଷା' ଥିଲା ଏହି ଦିବସର ସ୍ଲୋଗାନ। ଜୁନ ୧୯ ରୁ ଜୁଲାଇ ୩ ତାରିଖ ପର୍ଯ୍ୟନ୍ତ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ମହାବିଦ୍ୟାଳୟ ପରିସରରେ ଆୟୋଜିତ ହେବ। ଅଧ୍ୟାପକ ଡ଼. ସନ୍ତୋଷ ନାୟକ, ସୁକାନ୍ତ କୁମାର ନାୟକ, ଦିଲୀପ କୁମାର ନାୟକ, ଅଧ୍ୟାପିକା କାଜଲ ଦଲାଇ ଏହି ରୋଗକୁ ଦୂରେଇବା ପାଇଁ ହେଲେ ଜୀବନରେ ପରିବର୍ତ୍ତନ ଆଣିବା ଏବଂ ରକ୍ତ ଶିକୁଳିକୁ ହଟାଇବା ଏବଂ ଏହି ରକ୍ତଜନିତ ରୋଗ ସମ୍ପର୍କରେ ମତ ରଖିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଣଶିକ୍ଷକ କର୍ମଚାରୀ ତଥା ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଶେଷରେ ଅଧ୍ୟାପିକା କାଜଲ ଦଲାଇ ଧନ୍ୟବାଦ ଅର୍ପଣ କରିଥିଲେ।

### ବାରମ୍ବାର ବିଦ୍ୟୁତ୍‌କାଟ୍‌କୁ ନେଇ ଅସନ୍ତୋଷ

## ବିଦ୍ୟୁତ୍ ବିଭାଗ ନିର୍ବାହୀଯନ୍ତ୍ରୀଙ୍କୁ ସ୍ମାରକପତ୍ର ଦେଲେ ଗ୍ରାମବାସୀ

**ପାରଳାଖେମୁଣ୍ଡି, ୧୯।୬(ସମିସ):** ଗଜପତି ଜିଲ୍ଲାର ପୁରପଲ୍ଲୀ ଠାରୁ ଆରମ୍ଭ କରି ସହରାଞ୍ଚଳରେ ବାରମ୍ବାର ବିଦ୍ୟୁତ କାଟକୁ ନେଇ ପ୍ରବଳ ଅସନ୍ତୋଷ ବଢ଼ିବାରେ ଲାଗିଛି। ଗୋଟିଏ ପଟେ ଜିଲ୍ଲାରେ ଗ୍ରୀଷ୍ମର ଉତ୍ତାପ ଏବଂ ପ୍ରବଳ ଗୁଳୁଗୁଳି ଲାଗି ରହିଥିବା ବେଳେ ବାରମ୍ବାର ବିଦ୍ୟୁତ୍ କାଟକୁ ନେଇ ଲୋକେ ଅତିଷ୍ଠ ହୋଇଛନ୍ତି। ଏନେଇ ବିଦ୍ୟୁତ ବିଭାଗ ନିକଟରେ ବାରମ୍ବାର ଅଭିଯୋଗ କରି ଲୋକେ ନୟାନ୍ତ ହେଲେଣି। ଜିଲ୍ଲା ତମାମ ବିଦ୍ୟୁତ ବିଭ୍ରାଟ ଲାଗି ରହିଛି। ପ୍ରବଳ ଗ୍ରୀଷ୍ମ ପ୍ରବାହ ସମୟରେ ବାରମ୍ବାର ବିଦ୍ୟୁତ କାଟ ସାଙ୍ଗକୁ ପାରଳାଖେମୁଣ୍ଡି ସହରରେ ସକାଳ ଦୁଇଘଣ୍ଟା ପାଣିପାଇଁ କାଟ୍ ହେଉଥିବାକୁ ନେଇ ନାନାଦି ଆଲୋଚନା ହେଉଛି। ନବଜାତ ଶିଶୁ ଠାରୁ ଆରମ୍ଭ କରି ବୃଦ୍ଧ ବୃଦ୍ଧା, ରଗିଣ ବ୍ୟକ୍ତି, ସାଧାରଣ ଜନତା ନାହିଁ ନଥିବାର ଅସୁରବିଧାର ସମ୍ମୁଖୀନ ହେବା ସହ ଖରାର ପ୍ରଖରତା ସହ ଅସହ୍ୟ ଗୁଳୁଗୁଳି ଯୋଗୁଁ ଜନସାଧାରଣ କଳବଳ ହେଉଛନ୍ତି। ହେଲେ ବିଭାଗ କର୍ତ୍ତୃପକ୍ଷଙ୍କ ଠାରୁ ଆରମ୍ଭ କରି ଜିଲ୍ଲାପ୍ରଶାସନ ଏଦିଗରେ କୌଣସି ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହୋଇଛି। ବୁଧବାର ଗୁମ୍ମା ବ୍ଲକ ଅନ୍ତର୍ଗତ ପଦ୍ମପୁର ଓ ତରଙ୍ଗଡା ଗ୍ରାମାଞ୍ଚଳରେ ବାରମ୍ବାର ବିଦ୍ୟୁତ କାଟ୍ ହେଉଥିବା ଯୋଗୁଁ ଲୋକେ ଅସନ୍ତୁଷ୍ଟ ହୋଇ ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କ ଦ୍ୱାରସ୍ଥ ହୋଇଥିଲେ। ଏ ବାବଦରେ ଏକ ସ୍ମାରକପତ୍ର ମଧ୍ୟ ପ୍ରଦାନ କରିଥିଲେ। ଗଜପତି ବିକାଶ ସୁରକ୍ଷା ମଞ୍ଚ ପକ୍ଷରୁ ଯୁବସମାଜସେବୀ ଆମୋଦ କୁମାର ବର୍ଦ୍ଧନଙ୍କ ନେତୃତ୍ୱରେ ଅଞ୍ଚଳବାସୀ ବିଦ୍ୟୁତ ବିଭାଗର ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟ ଠାରେ ପହଞ୍ଚି କାହିଁକି ବାରମ୍ବାର ବିଦ୍ୟୁତ କାଟ୍ କରାଯାଉଛି ଏବଂ ଏହାର କାରଣ କଣ ବୋଲି ପଚାରିଥିଲେ। ହେଲେ ବିଭାଗୀୟ ନିର୍ବାହୀଯନ୍ତ୍ରୀ ଉପସ୍ଥିତ ନ ଥିବାରୁ ସଠିକ ଉତ୍ତର ମିଳିନାହିଁ। ଏପରି ବାରମ୍ବାର ବିଦ୍ୟୁତ୍ କାଟ କରାଗଲେ ଆଗାମୀ ଦିନରେ ବିଭାଗୀୟ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅଞ୍ଚଳବାସୀ ଧାରଣା ଦେବାକୁ ବାଧ୍ୟ ହେବେ ବୋଲି କୁହାଯାଇଛି।



# ମେଲେରିଆ ନିରାକରଣ ପାଇଁ କ୍ଷେତ୍ର କର୍ମୀଙ୍କୁ ତାଲିମ

**ଫିରିଙ୍ଗିଆ, ୧୯।୬(ସମିସ)**

ମେଲେରିଆ ସଂକ୍ରମଣ ଏକ ସାଧାରଣ ସମସ୍ୟା ଯାହାକି ସମାଜରେ ଗରିବ ପରିବାରର ଆର୍ଥିକ ସ୍ଥିତିକୁ ବିଗାଡିବାରେ ମୂଖ୍ୟ ଭୂମିକା ନେଇଥାଏ। ଏଭଳି ସ୍ଥିତିରେ କନ୍ଧମାଳ ଜିଲ୍ଲା ଶିକ୍ଷା କ୍ଷେତ୍ରରେ ଅନଗ୍ରସର ହୋଇଥିବାରୁ ଏବଂ ସଚେତନତାର ଅଭାବ ଯୋଗୁଁ ମେଲେରିଆ ସଂକ୍ରମଣ ବୃଦ୍ଧି ପାଉଛି। ସେଥିନିମନ୍ତେ ଜିଲ୍ଲାରେ ବିଭିନ୍ନ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉଥିବା ବେଳେ ଆଇଆରଏସ୍ ଅଭିଯାନ ମୂଖ୍ୟ ଭୂମିକା ନେଉଛି। ଏହି ପରିପେକ୍ଷୀରେ ଜିଲ୍ଲା ଅଣ ସଂକ୍ରାମକ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଓ ସ୍ୱେଚ୍ଛାସେବୀ ସଙ୍ଗଠନ ସ୍ୱାତୀର ମିଳିତ ଉଦ୍ୟମରେ ଗ୍ରାମ୍ୟସ୍ତରର କର୍ମୀଙ୍କୁ ଚୟନ କରି ବନ୍ଧଗଡ଼ ସ୍ଥିତ ତାଲିମ ଓ ସମ୍ବଳ କେନ୍ଦ୍ରରେ ଦିନିକିଆ ତାଲିମ ଦିଆଯାଇଥିଲା। ଏଥିରେ ମେଲେରିଆ ସଂକ୍ରମଣ ଥିବା ଗ୍ରାମର ଶତ ପ୍ରତିଶତ ଘରେ କିପରି ଔଷଧ ସିଞ୍ଚନ କରି ସଂକ୍ରମଣକୁ ଦୂର କରିହେବ ତାହା ଲକ୍ଷ୍ୟ ରଖାଯାଇଛି। କାର୍ଯ୍ୟକ୍ରମରେ ଭିବିଡିଟିଏସ୍ ବା ଭୁତାଣୁବାହିତ ରୋଗ ବୈଷୟିକ ସହାୟକ କୁମୁଦ ଚନ୍ଦ୍ର ସାହୁ ଯୋଗ ଦେଇ ମେଲେରିଆ ପ୍ରବଣ ଗ୍ରାମରେ ଡିଡିଟି ସ୍ପ୍ରେ ସମ୍ପୂର୍ଣ୍ଣ ଭାବେ ହୋଇପାରିବ ସେଥିପ୍ରତି ଯତ୍ନବାନ ହେବାକୁ କହିବା ସହ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ତତ୍ ସହିତ ଫିରିଙ୍ଗିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଏମ୍‌ଟିଏସ୍ ସନତ କୁମାର ମହାପାତ୍ର ପ୍ରଦର୍ଶନୀ ଓ ଭାଷଣ ମାଧ୍ୟମରେ ସମସ୍ତ କର୍ମୀଙ୍କୁ ସ୍ପ୍ରେ ମେସିନର ବ୍ୟବହାର, ଔଷଧ ଓ ପାଣି ମିଶ୍ରଣର ପରିମାଣ ଏବଂ ସିଞ୍ଚନ ସମୟରେ ସାବଧାନତା ସମ୍ପର୍କରେ ବୁଝାଇଥିଲେ। ତାଲିମରେ ଫିରିଙ୍ଗିଆ, କ.ନୂଆଗାଁ ଓ ବାରଖମାରୁ ୨୫ ରୁ ଅଧିକ କ୍ଷେତ୍ର କର୍ମୀ ଉପସ୍ଥିତ ରହି ତାଲିମ ନେଇଥିବା ବେଳେ ଅନୁଷ୍ଠାନ ତରଫରୁ ବରିଷ୍ଠ କର୍ମୀ ବିଶ୍ୱରଞ୍ଜନ କର ପରିଚାଳନା କରିଥିଲେ। ଅନୁଷ୍ଠାନର ସମ୍ପାଦକ ହରି ଶଙ୍କର ରାଉତ ମେଲେରିଆ ଦମନ ପାଇଁ ନିଆଯାଇଥିବା ଏଭଳି ପଦକ୍ଷେପକୁ ସ୍ୱାଗତ କରିବା ସହ ସମସ୍ତେ ଧ୍ୟାନର ସହ କାର୍ଯ୍ୟ ସମ୍ପାଦନ କରି ମେଲେରିଆ ମୁକ୍ତ ଜିଲ୍ଲା ଗଠନରେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ।



## ସିରିଜ୍ ଚୋରି ଘଟଣାରେ ଜଣେ ଗିରଫ



**ଖଲ୍ଲିକୋଟ,୧୯ ।୬(ସମିସ):** ଖଲ୍ଲିକୋଟ ଥାନା ଅନ୍ତର୍ଗତ କେଶପୁର ନିକଟସ୍ଥ ପଣ୍ଡିତ ଗାଁ ଛକରେ ଗତ ୧୩ ତାରିଖ ରାତିରେ ହୋଇଥିବା ସିରିଜ ଚୋରି ଘଟଣାରେ ପୁଲିସ ବୁଧବାର ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାପଡ଼ିଛି। ଗିରଫ ଅଭିଯୁକ୍ତ ହେଉଛନ୍ତି ଖଲ୍ଲିକୋଟ ଥାନା ତେନ୍ତୁଲିଆପଡା ଗ୍ରାମ ର ରାକେଶ ଜାଲୀ (୨୦) ବୋଲି ଥାନା ଅଧିକାରୀ ନରେଶ କୁମାର ସାହୁ ସୂଚନା ଦେଇଛନ୍ତି। ଗିରଫ ରାକେଶ ଜାଲୀ ଠାରୁ ପୁଲିସ ନଗଦ ୨୫୦୦ ଟଙ୍କା ଜବତ କରିଥିବା ଜଣାପଡ଼ିଛି। ପଣ୍ଡିତ ଗାଁ ଛକରୁ ୧୩ ତାରିଖ ରାତିରେ ୪ଟି ଦୋକାନର ତାଲା ଭାଙ୍ଗି ନଗଦ ୧୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ସହ ଜିନିଷ ପତ୍ର ଲୁଟି ନେଇଥିଲେ ଦୁର୍ବୃତ୍ତ। ଲକ୍ଷ୍ମୀ ନାରାୟଣ ଚୁଡ଼ି ମହଲ ଓ କ୍ଷେତ୍ରସନାରୀ ଦୋକାନର ତାଲା ଭାଙ୍ଗି ଭିତରେ ପଶିବା ସହ ଡ୍ର ଭାଙ୍ଗି ସେଥିରେ ଥିବା ପ୍ରାୟ ୩ ହଜାର ଟଙ୍କା ନେଇ ଯାଇଥିଲେ। ଏଥିସହ ବଡି ସ୍ପ୍ରେ, ପାଉଡର ଏବଂ ଅନ୍ୟାନ୍ୟ ଜିନିଷ ପତ୍ର ମଧ୍ୟ ନେଇ ଯାଇଥିଲେ। ସିସିଟିଭି କ୍ୟାମେରା ଭାଙ୍ଗିବା ସହ ତାର ଛିଣ୍ଡାଇ ହାର୍ଡ ଡିସ୍କ ବାହାରେ ଫିଙ୍ଗି ଦେଇଥିଲେ। ଏଥିସହ ଦରକାରୀ କାଗଜପତ୍ର ମଧ୍ୟ ଚିରି ଫୋପାଡ଼ି ଦେଇଥିବା ନେଇ ମାଲିକ ଏନ. ପ୍ରସନ୍ନ ଦୋରା ଥାନା ରେ ଅଭିଯୋଗ କରିଥିଲେ। ସେହିପରି ଅନ୍ୟ ତିନୋଟି ଦୋକାନରୁ ଲୁଟ କରିବା ସହ ଜଣେ ବ୍ୟକ୍ତିଙ୍କ ଘର ବାରଣ୍ଡାରେ ରଖା ଯାଇଥିବା ଗୋଟିଏ ବାଇକ ମଧ୍ୟ ଚୋରି କରି ନେଇଥିଲେ। ଏନ. ପ୍ରସନ୍ନ ଦୋରାଙ୍କ ଅଭିଯୋଗକୁ ଭିତ୍ତି କରି ଖଲ୍ଲିକୋଟ ଥାନା କେସ ନମ୍ବର ୫୦୪/୨୦୨୪ ଅନୁଯାୟୀ ମାମଲା ରୁଜୁ କରି ଅନୁସନ୍ଧାନ ଆରମ୍ଭ କରିଥିଲେ ପୁଲିସ।

## ପୂର୍ବ ଶତ୍ରୁତାରୁ ବୋମା ମାଡ଼, ୩ ଗିରଫ




**ସାନଖେମୁଣ୍ଡି,୧୯ ।୬(ସମିସ):** ସାନଖେମୁଣ୍ଡି ବ୍ଲକ ପାଟପୁର ଥାନା ପଲ୍ଲୀ ସାମନ୍ତରାପୁର ଗ୍ରାମରେ ସୋମବାର ବିଳମ୍ବିତ ରାତ୍ର ଏକ ଚଳନ୍ତା ବାଇକ ଉପରେ ବୋମା ମାଡ଼ ହୋଇଥିଲା। ଏହି ମାମଲାରେ ପୁଲିସ ୩ ଜଣଙ୍କୁ ଗିରଫ କରିବା ସହ ୩ ଟି ଖଣ୍ଡା ଜବତ କରିଥିବା ପାଟପୁର ଥାନା ଅଧିକାରୀ ସୂଚନା ଦେଇଛନ୍ତି। ଶେରଗଡ଼ରେ ଠାକୁରାଣୀ ଯାତ୍ରା ଚାଲିଥିବା ବେଳେ ଶେରଗଡ଼ ଗ୍ରାମର କୃଷ୍ଣ ଗୌଡ଼ ସହ ସେହି ଗ୍ରାମର ଜଣେ ଯୁବକଙ୍କ ସହ ଝଗଡ଼ା ହୋଇଥିଲା। ବିଳମ୍ବିତ ରାତିରେ ରାତ୍ର କୃଷ୍ଣ ଗୌଡ ତାଙ୍କ ସାଙ୍ଗକୁ ନେଇ ମୋଟର ସାଇକେଲ ରେ ଶେରଗଡ଼ ଅଭୀମୁଖେ ଯାଉଥିବା ବେଳେ ପାଟପୁର ଥାନା ସାମନ୍ତରାପୁର ଗ୍ରାମ ନିକଟରେ କିଛି ଯୁବକ କନ୍ଦଙ୍କ ମୋଟର ସାଇକେଲ ଉପରକୁ ୨ ଟି ବୋମା ମାଡ଼ କରିଥିଲେ ଫଳରେ କନ୍ଦ୍ର ଆହତ ହୋଇଥିଲେ। ଏହାକୁ ଭିତ୍ତି କରି ପାଟପୁର ପୋଲିସ ୩୪୬/୨୬ ରେ ଏକ ମାମଲା ରୁଜୁ କରିଛି। ପାଟପୁର ପୁଲିସ ଉକ୍ତ ମାମଲାରେ ପାଟପୁର ଥାନା ପାଟପୁର ଗ୍ରାମର କାଳିଆ ବେହେରା, ମହାନଳା ଗ୍ରାମର ଟି. ସୁକେଶୁ ଦୋରା ଔର ସୋନୁ ଏବଂ ନାରାୟଣ ଦୋରାଙ୍କୁ ଗିରଫ କରିବା ସହ ଅଭିଯୁକ୍ତ ମାନଙ୍କ ଠାରୁ ୩ ଟି ଖଣ୍ଡା ଜବତ କରିଛନ୍ତି।

## ବ୍ଲକ୍ ଅଧ୍ୟକ୍ଷଙ୍କ ସ୍ମୃତିଚାରଣ ସଭା




**କୁକୁଡାଖଣ୍ଡି,୧୯ ।୬(ସମିସ):** କୁକୁଡାଖଣ୍ଡି ବ୍ଲକ ଅଧ୍ୟକ୍ଷ କାମାକ୍ଷା ପ୍ରସାଦ ପାତ୍ରଙ୍କ ଦ୍ୱାଦଶାହ କାର୍ଯ୍ୟ ବୁଧବାର ଅନୁଷ୍ଠିତ ହୋଇଥିଲା। ତାଙ୍କରି ଘନିଷ୍ଠ ବନ୍ଧୁ ତଥା ଗଞ୍ଜାମ ଜିଲ୍ଲା ଭିନ୍ନକ୍ଷମ ନେତା କେ. ମଣିବାବୁଙ୍କ ସଭାପତିତ୍ୱରେ ଏକ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ନବ ନିର୍ବାଚିତ ଦିଗପହଣ୍ଡି ବିଧାୟକ ଡ଼. ସିଦ୍ଧାନ୍ତ ମହାପାତ୍ର, ବ୍ରହ୍ମପୁର ପୂର୍ବତନ ବିଧାୟକ ଡ଼. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ଶିବ ଶଙ୍କର ସାହାଣୀ, ବିକ୍ରମ ପଣ୍ଡା, ମେୟର ସଂଘ ମିତ୍ରା ଦଳେଇ, ଡେପୁଟି ମେୟର ବିବେକ ରେଡି, କର୍ପୋରେଟର ସୋନାଲି ଗନ୍ତାୟତ, ପୂର୍ବତନ ରାଜ୍ୟ କାଜୁ ନିଗମ ଅଦକ୍ଷ ସୁବାସ ମହାରଣା, ଆଇନଜୀବୀ ଅନିଲ କୁମାର ସାହୁ, ଜଗନ୍ନାଥ ସାବତ, ରାଜେନ୍ଦ୍ର କୁମାର ଦାସ, କରୁଣାକର ପାଣିଗ୍ରାହୀ, ସୁରେନ୍ଦ୍ର ପଟ୍ଟନାୟକ, ବିଜେଡି ନେତା କମଳ ପାତ୍ର, ବିଟୁ ଦଳେଇ, ପ୍ରଦୀପ କୁମାର ବେହେରା, ରାମ ଚନ୍ଦ୍ର ସାହୁ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ, ଉପାଧ୍ୟକ୍ଷା ରାଜେଶ୍ୱରୀ ଦୋରା, ଚିକିଟି ବ୍ଲକ ଅଧ୍ୟକ୍ଷ ଆପାନା ସେଠୀ, ମହୁରୀ ତାଲୁକା ଦଳପତି ମହାସଂଘ ଉପଦେଷ୍ଟା ସୂର୍ଯ୍ୟକାନ୍ତ ପାତ୍ର, ଦଳପତି ସଂଘ ସଭାପତି ନିରଞ୍ଜନ ଜେନା ସମ୍ପାଦକ ପର୍ଶୁରାମ ଜେନା, ଉପଦେଷ୍ଟା କିଶୋର ପାତ୍ର, ବିଜେପି ନେତା ଟି. ଗୋପୀ, ନାରୀ ନେତ୍ରୀ ମମତା ବିଶୋଇ, ପୂର୍ବତନ ବିଡିଏ ଅଧ୍ୟକ୍ଷ କୈଳାଶ ରଣା, ସମିତି ସଭ୍ୟ ସାରଥୀ ଗୌଡ଼, ପୂର୍ବତନ ଦକ୍ଷିଣପୁର ସରପଞ୍ଚ ସନ୍ତୋଷ ଚୌଧୁରୀ, ସରପଞ୍ଚ ସଂଘ ସଭାପତି ବଶିଷ୍ଠ କୁମାର ଜେନା, ରାଜ୍ୟ ରେଡି ସଂଘ ସଭାପତି ସି.ହେଚ ଦିଲେଶ୍ୱର ରେଡି, ଗଞ୍ଜାମ ଜିଲ୍ଲା ବିଶ୍ୱକର୍ମା ସଂଘ ସଭାପତି ଅଜୟ କୁମାର ମହାରଣା, ବିସିସି ବ୍ୟାଙ୍କ ସଭାପତି ଶିବ ରାମ ପାତ୍ର, ବିସିସି ବ୍ୟାଙ୍କ ନିର୍ଦ୍ଦେଶକ ଭବାନୀ ଶଙ୍କର ବିଶ୍ୱାଳ, ବିଷ୍ଣୁ ପ୍ରିୟା ନାୟକ, ବ୍ଲକ ବିଜେଡି ସଭାପତି ସୀତାରାମ ସାହୁ, ଭାରପ୍ରାପ୍ତ ବ୍ଲକ ଅଧ୍ୟକ୍ଷା ବିଷ୍ଣୁ ପ୍ରିୟା ପାତ୍ର, ବିଜେଡି ନେତା ଉଦୟ ବେହେରା, କୈଳାଶ ବିଶୋଇ, ବିନୋଦ ଗୌଡ଼, ବିଟୁ ଦଳେଇ, ପୂର୍ବତନ ବାଚସ୍ପତିଙ୍କ ସହଧର୍ମିଣୀ ରାଜେଶ୍ୱରୀ ପାତ୍ର, ବିଡିଓ ଡ଼. ପଲ୍ଲବି ସ୍ୱାଇଁ, ତହସିଲଦାର ସପନ କୁମାର ସାହୁ, ବାମପନ୍ଥି ନେତା ବିଦ୍ୟାଧର ଜେନା, ଜ୍ୟୋତ୍ସ୍ନା ପାଢ଼ୀ, ସୁରେଶ କୁମାର ଦଳେଇ, ପୂର୍ବତନ ବ୍ଲକ ବିଜେଡି ସଭାପତି ଏଲ୍ ପୁରୁଷୋତ୍ତମ ପାତ୍ର, ଯୁବ ସାମ୍ବାଦିକ ପି.କୃଷ୍ଣମୂର୍ତ୍ତିଙ୍କ ସମେତ କୁକୁଡ଼ାଖଣ୍ଡି ବ୍ଲକର ସମସ୍ତ କାର୍ଯ୍ୟରତ ସରପଞ୍ଚ ଓ ସମିତି ସଭ୍ୟ, ଜିଲ୍ଲାପରିଷଦ ସଭ୍ୟା, ବହୁ ମାନ୍ୟଗଣ୍ୟ ବ୍ୟକ୍ତିମାନେ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଶୋକ ଦଳେଇ ଧନ୍ୟବାଦ ପ୍ରଦାନ କରିଥିଲେ।

### ପ୍ରେମିକା ସହ ଝଗଡ଼ା

## ପେଟକୁ ନିଜେ ଭୁସିଦେଲେ ପ୍ରେମିକ



**ଖଲ୍ଲିକୋଟ,୧୯ ।୬(ସମିସ):** ପ୍ରେମିକା ସହ ଝଗଡା ଲାଗି ନିଜ ପେଟକୁ ନିଜେ ଛୁରୀ ମାରିଦେଲେ ପ୍ରେମିକ। ଘଟଣା ଘଟିଛି ବେଗୁନିଆପଡ଼ା ଥାନା ଅନ୍ତର୍ଗତ ସୁମୁଣ୍ଡଳ ଗ୍ରାମରେ। ପାଟପୁର ଥାନା କଂସାମାରି ଗ୍ରାମର ସୁନୀଲ କୁମାର ସାହୁ (୨୪) ସୁମଣ୍ଡଳ ଗ୍ରାମର ଜଣେ ଯୁବତୀକୁ ଭଲ ପାଉଥିଲେ। ସୁନୀଲ ବୁଧବାର ନିଜ ଗ୍ରାମରୁ ସୁମଣ୍ଡଳକୁ ପ୍ରେମିକାକୁ ଦେଖାକରିବାକୁ ଆସିଥିବା ବେଳେ କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡା ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ସୁନୀଲ ଜୀବନ ହାରିବା ଉଦ୍ଦେଶ୍ୟରେ ନିଜ ପେଟକୁ ନିଜେ ଛୁରୀରେ ଭୁସି ଦେଇଥିଲେ। ପେଟର ଦୁଇଟି ସ୍ଥାନରେ ଛୁରୀ ଦ୍ୱାରା ଗଭୀର ଆଘାତ ହେବା ପରେ ଚିକିତ୍ସା ପାଇଁ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣା ଯାଇଥିଲା। ଏଠାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଖଲ୍ଲିକୋଟ ଥାନା ଅଧିକାରୀ ନରେଶ କୁମାର ସାହୁ ମେଡିକାଲରେ ପହଞ୍ଚି ଆହତ ପ୍ରେମିକକୁ ପଚରାଉଚରା କରିଥିଲେ।

## ଏମ୍‌କେସିଜିରେ ଆଉ ଜଣେ ଡିପ୍‌ଥେରିଆ ରୋଗୀ ମୃତ

**ବ୍ରହ୍ମପୁର,୧୯ ।୬(ସମିସ):** ଏମ୍‌କେସିଜି ମେଡିକାଲରେ ଚିକିତ୍ସିତ ହେଉଥିବା ଆଉ ଜଣେ ଡିପ୍‌ଥେରିଆ ରୋଗୀଙ୍କର ବୁଧବାର ସନ୍ଧ୍ୟାରେ ମୃତ୍ୟୁ ହୋଇଯାଇଛି। ଗତ ୧୬ ତାରିଖରେ କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ୍ କୁମ୍ଭାରିପୁଟ ଅଞ୍ଚଳର ଏହି ୧୦ବର୍ଷ ବୟସ୍କ ବାଳକ ଜଣଙ୍କ ଡିପ୍‌ଥେରିଆ ପୀଡ଼ିତ ହୋଇ ଏମ୍କେସିଜି ମେଡିକାଲକୁ ଆସିଥିଲେ। ତାଙ୍କୁ ଶିଶୁ ବିଭାଗ ଅଧୀନରେ ଚିକିତ୍ସା କରାଯାଇଥିଲା। ତାଙ୍କୁ ପ୍ରଥମେ ସଂଗରୋଧ କେନ୍ଦ୍ରରେ ରଖାଯାଇଥିଲା। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଶିଶୁ ବିଭାଗର ଏଚ୍‌ଡିୟୁ(ହାଇ ଡିପେଡେନ୍ସି ୟୁନିଟ୍)କୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କ ଚିକିତ୍ସା ଚାଲିଥିବା ବେଳେ ବୁଧବାର ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ, ୧୩ ତାରିଖରେ ରାୟଗଡା ଜିଲ୍ଲାର ଜଣେ ୧୨ ବର୍ଷୀୟ ଶିଶୁକନ୍ୟାର ଏମ୍‌କେସିଜି ମେଡିକାଲରେ ମୃତ୍ୟୁ ଘଟିଥିଲା। ବର୍ତ୍ତମାନ ମେଡ଼ିକାଲରେ କେବଳ ରାୟଗଡ଼ା ଜିଲ୍ଲାର ଡିପ୍‌ଥେରିଆ ଆକ୍ରାନ୍ତ ୩ଜଣ ଶିଶୁଙ୍କ ଚିକିତ୍ସା ଜାରି ରହିଛି।

## ତ୍ରିନାଥ ସ୍ୱାମୀଙ୍କ ବାର୍ଷିକ ଉତ୍ସବ



**ଭଞ୍ଜନଗର,୧୯ ।୬(ସମିସ):** ଭଞ୍ଜନଗର ସହର ଉପକଣ୍ଠ ଲଣ୍ଡେଇ ସାହି ଛେଦାଭୂମି ରାସ୍ତାରେ ଥିବା ତ୍ରିନାଥ ସ୍ୱାମୀ ମନ୍ଦିରରେ ପ୍ରତିବର୍ଷ ଭଳି ଏଥର ମଧ୍ୟ ବାର୍ଷିକ ଉତ୍ସବ ଆନନ୍ଦ ଉଲ୍ଲାସର ସହିତ ପାଳନ କରାଯାଇଛି। ଏହି ଅବସରରେ ଅଷ୍ଟ ପ୍ରହର ଅଖଣ୍ଡ ନାମଯଜ୍ଞ, ଘୃତ ଯଜ୍ଞ ଓ ଅନ୍ନ ଯଜ୍ଞର ଆୟୋଜନ କରାଯାଇଥିଲା। ମଙ୍ଗଳବାର ହୋଇଥିବା ଘୃତ ଯଜ୍ଞରେ କର୍ତ୍ତା ଭାବେ ରଙ୍କନିଧି ବେହେରା ଓ ପତ୍ନୀ ଭାରତୀ ବେହେରା ଦାୟିତ୍ୱ ନିର୍ବାହ କରିଥିଲେ। ସନ୍ଧ୍ୟାରେ କଳସ ଯାତ୍ରାରେ ବଡ଼ ନଦୀରୁ ଜଳ ସଂଗ୍ରହ, ଅଧିବାସ ପୂଜା, ଅଙ୍କୁରାରୋପଣ ପରେ ସକାଳେ ନାମଯଜ୍ଞ ଶୁଭାରମ୍ଭ ହୋଇଥିଲା। ଗୁରୁବାର ସକାଳେ ଏହାର ସମାପନ ହେବ ବୋଲି ଜଣାପଡ଼ିଛି। ସୋରିଷ ମୁଳି ସ୍ଥିତ ନୃସିଂହ ନାଥ ମଠର ପୂଜକ ଏଥିରେ ପୂଜାକାର୍ଯ୍ୟ ତୁଲାଇଥିଲେ। ଏହି ଧାର୍ମିକ କାର୍ଯ୍ୟରେ ଲାଲ ସିଙ୍ଗ ଓ ଛେଦା ଭୂମି ରୋଡ଼ର ଅଧିବାସୀମାନେ ସହଯୋଗ କରିଥିଲେ।

## ଜବତ ମୋଟର ଡଙ୍ଗା ମାଲିକଙ୍କୁ ହସ୍ତାନ୍ତର



**ଖଲ୍ଲିକୋଟ,୧୯ ।୬(ସମିସ):** ଗତ ୧୭ ତାରିଖରେ ପୁଲିସ ଜବତ କରିଥିବା ଦୁଇଟି ମୋଟର ବୁଧବାର ଡ଼ଙ୍ଗା ମାଲିକଙ୍କୁ ହସ୍ତାନ୍ତର କରିଛି। ଲଙ୍ଗଳେଶ୍ୱର ପାଦୁକେଇ ମନ୍ଦିର ନିକଟସ୍ଥ ଚିଲିକା କୂଳରୁ ଗତ ୧୨ ତାରିଖ ରାତିରେ ଦୁଇଟି ଡ଼ଙ୍ଗା ମୋଟର ସହ କେହି ଚୋରି କରି ନେଇଥିବା ଲଙ୍ଗଳେଶ୍ୱର ଗ୍ରାମର ସହଦେବ ବେହେରା ଭେଜିପୁଟ ଫାଣ୍ଡିରେ ଅଭିଯୋଗ କରିଥିଲେ। ପୁଲିସ କେସ୍ ୪୯୯/୨୦୨୪ ଅନୁଯାୟୀ ମାମଲା ରୁଜୁ କରି ଘଟଣା ର ଅନୁସନ୍ଧାନ ଆରମ୍ଭ କରିଥିଲେ। ପୋଲିସ ତଦନ୍ତ ବେଳେ ଲଙ୍ଗଳେଶ୍ୱର ଠାରୁ ଦ ାଇ କିମି ଦୂର ଆମ୍ବନାସୀ ଠାରେ ଦୁର୍ବୃତ୍ତ ଛାଡି ଯାଇଥିବା ଡ଼ଙ୍ଗା ଦୁଇଟି ମିଳିଥିଲା। କିନ୍ତୁ ଡ଼ଙ୍ଗାରେ ମୋଟର ନ ଥିଲା। ଡ଼ଙ୍ଗାକୁ ଛାଡି ମୋଟର ଦୁଇଟିକୁ ଚୋରି କରି ନେଇଥିଲେ ଦୁର୍ବୃତ୍ତ। ମୋଟର ଦୁଇଟି ବିକ୍ରି ହେଉଥିବା ଖବର ପାଇ ଭେଜିପୁଟ ଫାଣ୍ଡି ଅଧିକାରୀ ଦେବାଶିଷ ମିଶ୍ର ଅନ୍ୟ ପୋଲିସ କର୍ମଚାରୀଙ୍କ ସହ ବାଲୁଗାଁ ଥାନା ଚନ୍ଦ୍ରାପୁଟ ଗ୍ରାମରେ ଚଢ଼ଉ କରି ୩ ଜଣ ଚୋରକୁ ଧରିବା ସହ ସେମାନଙ୍କ ନିକଟରୁ ଦୁଇଟି ମୋଟର ଜବତ କରିଥିଲେ। ଜବତ ଦୁଇଟି ମୋଟର ବୁଧବାର ଡ଼ଙ୍ଗା ମାଲିକ ମାଲିକମାନଙ୍କୁ ହସ୍ତାନ୍ତର କରାଯାଇଛି।

## ପ୍ରଧାନମନ୍ତ୍ରୀ ସମ୍ମାନ ନିଧି କାର୍ଯ୍ୟକ୍ରମ

**ଜି.ଉଦୟଗିରି,୧୯ ।୬(ସମିସ):** କ୍ଷୁଦ୍ର ଓ ମଧ୍ୟମ ବର୍ଗର ଚାଷୀଙ୍କୁ ସ୍ୱାବଲମ୍ବୀ କରିବା ସହ ସେମାନଙ୍କୁ ଉତ୍ସାହିତ କରିବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ କୃଷକ ମୋର୍ଚ୍ଚା ସଭାପତି ଅବନେଶ୍ୱର ପ୍ରଧାନ ଯୋଗ ଦେଇ ଚାଷୀଙ୍କୁ ଉତ୍ସାହିତ କରିବା ସହିତ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ




କିଶାନ ସମ୍ମାନ ନିଧି ନାମକ ଏକ ସ୍ୱତନ୍ତ୍ର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଚଳିତ ବର୍ଷର୍ ଦେଶବ୍ୟାପି ୧୭ ତମ ସହାୟତା କିସ୍ତି ବଣ୍ଟନ କାର୍ଯ୍ୟକ୍ରମ ମଙ୍ଗଳବାର ହୋଇଥିବା ବେଳେ ଏହି କ୍ରମରେ ଜି. ଉଦୟଗିରି କୃଷି ବିଜ୍ଞାନ କେନ୍ଦ୍ରରେ ୬୦ ଜଣ କୃଷକଙ୍କ ନେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବରେ ବିଜେପି ଜିଲ୍ଲା କରିଥିଲେ। କନ୍ଧମାଳ ଜିଲ୍ଲା କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ତଥା ବରିଷ୍ଠ ବୈଜ୍ଞାନିକ ଡ. ନାରାୟଣ ବାରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ କେନ୍ଦ୍ରର ବୈଜ୍ଞାନିକ ଉପସ୍ଥିତ ରହି ସ୍ୱାବଲମ୍ବୀ ହେବାକୁ କୃଷକଙ୍କୁ ପରାମର୍ଶ ଦେଇଥିଲେ। ଶେଷରେ କୃଷି ବିଜ୍ଞାନ କେନ୍ଦ୍ରର କ୍ଷେତ୍ର ବୈଜ୍ଞାନିକ ଶ୍ରୀପାଳୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥର ଶୁଭାରମ୍ଭ



**କୋରାପୁଟ, ୧୯।୬(ସମିସ):** ଶିଶୁ ଶ୍ରମିକ ନିରାକରଣ ନିମନ୍ତେ ଶ୍ରମ ବିଭାଗ ଦ୍ୱାରା ଜିଲ୍ଲା ସଦର ମହକୁମାରେ ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ମୁଖ୍ୟଅତିଥି ଭାବେ ପତାକା ଦେଖାଇ ସଚେତନତା ରଥର ଶୁଭାରମ୍ଭ କରିଥିଲେ। ଶିଶୁ ଶ୍ରମିକ ମୁକ୍ତ ଓଡ଼ିଶାର ଲକ୍ଷ୍ୟ ନେଇ ଏହି ସଚେତନତା ରଥ ଜିଲ୍ଲାର ବ୍ଲକ ଓ ସହରାଞ୍ଚଳ ପରିଭ୍ରମଣ କରିବ ବୋଲି ସେ କହିଛନ୍ତି। ଯେ କୌଣସି ସ୍ଥାନରେ ଯଦି ଶିଶୁ ଶ୍ରମିକ ନିୟୋଜିତ ହୋଇଥିବା ଦେଖିବେ ତେବେ ଚାଇଲ୍ଡ ଲାଇନର ହେଲ୍ପଲାଇନ ନମ୍ବର ୧୦୯୮କୁ ଅବଗତ କରାଇବାକୁ ସେ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। କୋରାପୁଟ ଜିଲ୍ଲାକୁ ଶିଶୁ ଶ୍ରମିକ ମୁକ୍ତ କରିବା ସହ ଆଗାମୀ ଦିନରେ କୌଣସି ସ୍ଥାନରେ ଶିଶୁ ଶ୍ରମିକ ନିଯୁକ୍ତି କଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲା ଶ୍ରମ ଅଧିକାରୀ ବୃନ୍ଦାବନ ସେଠୀ କହିଛନ୍ତି। ଶିଶୁ କଲ୍ୟାଣ କମିଟି ଅଧ୍ୟକ୍ଷା ଗାୟତ୍ରୀ ପାତ୍ର, ଜିଲ୍ଲା ଜରୁରିକାଳୀନ ଅଧିକାରୀ ସନ୍ତୋଷ ସାହୁ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରାଜଶ୍ରୀ ଦାସ ପ୍ରମୁଖଙ୍କ ସହ ଅନ୍ୟାନ୍ୟ ଅଧିକାରୀ ଯୋଗ ଦେଇଥିଲେ।

## ରାସ୍ତାରେ ଓଲଟିଲା ଟ୍ୟାଙ୍କର, ଘରକୁ ମାଡ଼ିଗଲା ଟ୍ରକ୍

**ଜୟପୁର, ୧୯।୬(ସମିସ):** କୋରାପୁଟ ଜିଲ୍ଲା ଜୟପୁର-କୋରାପୁଟ ରାସ୍ତା ବାରିଣିପୁଟ ଫାଣ୍ଡି ସମ୍ମୁଖ ୨୬ ନମ୍ବର ଜାତୀୟ ରାଜପଥରେ ମଙ୍ଗଳବାର ରାତି ସମୟରେ ଏକ ଗ୍ୟାସ ବୋଝେଇ ଟ୍ୟାଙ୍କର ଓ ଟ୍ରକ୍ ମୁହାଁମୁହିଁ ହୋଇଥିଲେ। ଉଭୟ ଗାଡ଼ିର ଚାଳକମାନେ ଉପସ୍ଥିତ ବୁଦ୍ଧି ଯୋଗୁଁ ଗାଡ଼ିଦ୍ୱୟକୁ ମୁହାଁମୁହିଁ ଧକ୍କାକୁ ଏଡ଼ାଇ ଦେଇଥିଲା ବେଳେ ଏହା ମଧ୍ୟରେ ଟ୍ୟାଙ୍କରଟି ରାସ୍ତା ଉପରେ ଓଲଟି ପଡ଼ିଥିଲା। ଟ୍ରକଟି ରାସ୍ତା ପାର୍ଶ୍ୱରେ ରହିଥିବା ଏକ ଘର ଭିତରକୁ ମାଡି ଯାଇଥିଲା। କୌଣସି ଅଘଟଣ ଘଟି ନଥିବା ବେଳେ ଟ୍ରକ୍ ଧକ୍କା ଦେଇଥିବା ଘରର ଲୋକଙ୍କୁ ଉପର ଟିଣଛାତ ଭାଙ୍ଗି ସ୍ଥାନୀୟ ଲୋକମାନେ ଉଦ୍ଧାର କରିଥିଲେ। ସେହିପରି ଟ୍ୟାଙ୍କର ଡ୍ରାଇଭରଙ୍କୁ ସ୍ଥାନୀୟ ବାସିନ୍ଦା ଉଦ୍ଧାର କରିଥିଲେ। ଖବରପାଇ ଘଟଣାସ୍ଥଳରେ ସଦରଥାନା ପୁଲିସ ଅଧିକାରୀ ଇଶ୍ୱର ତାଣ୍ଡୀଙ୍କ ନେତୃତ୍ୱରେ ପୁଲିସ ଦଳ ପହଞ୍ଚି ଟ୍ରାଫିକ ନିୟନ୍ତ୍ରଣ କରିଥିଲେ। ଉକ୍ତ ରାସ୍ତା ଦେଇ ଅନ୍ୟାନ୍ୟ ଯାନ ଯାତାୟାତ କରୁଥିବା ବେଳେ ଘଟଣାସ୍ଥଳରେ ଅଗ୍ନିଶମ ବିଭାଗ ପହଞ୍ଚି ଗ୍ୟାସ ଟ୍ୟାଙ୍କରକୁ ରାସ୍ତାରୁ ହଟାଇବା କାର୍ଯ୍ୟ ଆରମ୍ଭ କରିଥିଲେ। ସାରା ରାତି ଏସଡିପିଓଙ୍କ ସହ ପୁଲିସ ଟିମ୍, ଅଗ୍ନିଶମ ବାହିନୀ, ପ୍ରଶାସନିକ ଅଧିକାରୀ ସିଆଇଏସଏଫ ସ୍କ୍ୱାଡ୍, ଓଡ୍ରାଫ ଟିମ ଘଟଣାସ୍ଥଳରେ ଉଦ୍ଧାର କାର୍ଯ୍ୟ ଜାରି ରଖିଥିଲେ। ରାସ୍ତାରେ ଓଲଟିଥିବା ଟ୍ୟାଙ୍କର ସକାଳେ ଉଠାଯାଇଥିବା ବେଳେ ଟ୍ରକକୁ ଉକ୍ତ ଘର ଭିତରୁ ବାହାର କରାଯାଇଥିଲା। ଉଦ୍ଧାର କାର୍ଯ୍ୟ ଚାଲିଥିବା ବେଳେ ଭୋରରୁ ଜୟପୁର ଉପଜିଲ୍ଲାପାଳ ପ୍ରଭାତ ପରିଡ଼ା ଘଟଣାସ୍ଥଳରେ ପହଞ୍ଚି ରାସ୍ତା ସଫେଇ କାର୍ଯ୍ୟର ସମୀକ୍ଷା କରିଥିଲେ।

### ମୁହାଁମୁହିଁ ଧକ୍କାରୁ ଅଳ୍ପକେ ବର୍ତ୍ତିଗଲେ ଦୁଇ ଭାରୀଯାନ

ଉଭୟ ମୁହାଁମୁହିଁ ଧକ୍କା ହେବାରୁ ଅଳ୍ପକେ ବର୍ତ୍ତିଥିବା ବେଳେ ଟ୍ୟାଙ୍କରଟି ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟିପଡ଼ିଥିଲା। ଅନ୍ୟପଟରେ ଟ୍ରକ୍‌ଟି ଧକ୍କାରୁ ବର୍ତ୍ତିବାକୁ ଯାଇ ରାସ୍ତା ପାର୍ଶ୍ୱରେ ଥିବା ଏକ ଘର ଭିତରକୁ ପଶିଯାଇଥିଲା।

ବିଶାଖପାଟଣାରୁ ଛତିଶଗଡ଼ ରାଜ୍ୟକୁ ଯାଉଥିବା ଏକ ଗ୍ୟାସ ବୋଝେଇ ଟ୍ୟାଙ୍କର ସହ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରକ ଜାତୀୟରାଜପଥରେ ମୁହାଁମୁହିଁ ହୋଇଥିଲେ।




## ବିଶ୍ୱ ଯୋଗ ଦିବସ ପାଇଁ ପ୍ରସ୍ତୁତି



**ଜି.ଉଦୟଗିରି,୧୯ ।୬(ସମିସ):** ଦିନକ ପରେ ଅର୍ଥାତ୍ ଜୁନ ୨୧ ତାରିଖରେ ବିଶ୍ୱ ଯୋଗ ଦିବସ ପାଳନ ହେବାକୁ ଯାଉଥିବା ବେଳେ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଚାଲିଛି ଯୋଗାଭ୍ୟାସ। ଯୋଗ ପ୍ରାଣାୟାମ ଦ୍ୱାରା ଶାରୀରିକ, ମାନସିକ ଏବଂ ଆଧ୍ୟାତ୍ମିକ ଶକ୍ତିର ବିକାଶ ହୋଇଥାଏ। ଏହାକୁ ଆଧାର କରି ସାରା ବିଶ୍ୱ ଜୁନ ୨୧ ତାରିଖ ରେ ବିଶ୍ୱ ଯୋଗ ଦିବସ ପାଳନ କରୁଛି। ଜି. ଉଦୟଗିରି ହବାକ ହାଇସ୍କୁଲରେ ବିଶ୍ୱ ଯୋଗ ଦିବସ ପାଇଁ ଯୋଗାଭ୍ୟାସ ଜାରି ରହିଛି। ଛାତ୍ରମାନେ ବିଭିନ୍ନ ଆସନ ସହିତ ପ୍ରାଣାୟାମର ଅଭ୍ୟାସ କରିଛନ୍ତି। ଜୁନ ୨୧ରେ ସାରା ବିଶ୍ୱ ଯୋଗମୟ ହେବାକୁ ଯାଉଥିବା ବେଳେ ବିଭିନ୍ନ ଶିକ୍ଷାନୁଷ୍ଠାନ ସହିତ ପତଞ୍ଜଳି ଯୋଗ ସମିତି, ଏନଏସି ଏବଂ ବ୍ଲକ ତରଫରୁ ବିଶ୍ୱ ଯୋଗ ଦିବସ ପାଳନ କରାଯିବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି।

